# ଭୁବନେଶ୍ୱର ସିଟି



## ମାଇ ବନେଟ୍ ମାଙ୍କଡ଼ ମୃତ

**ବାଲୁଖଣ୍ଡ ଯିବେ ୧୦ କୃଷ୍ଣସାର ମୃଗ**

ନନ୍ଦନକାନନ, ୧୭।୬ (ସମିସ): ନନ୍ଦନକାନନରେ ସୋମବାର ଏକ ମାଇ ବନେଟ୍ ମାଙ୍କଡ଼ର ମୃତ୍ୟୁ ଘଟିଛି। ଏହି ମାଇ ବନେଟ୍ ମାଙ୍କଡ଼ଟି ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚିଥିଲା। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଏବେ ନନ୍ଦନକାନନରେ ଗୋଟିଏ ମାଇ ଓ ଗୋଟିଏ ଅଣ୍ଡିରା ବନେଟ୍ ମାଙ୍କଡ଼ ରହିଲେ। ଅନ୍ୟପକ୍ଷରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ନନ୍ଦନକାନନରୁ ମଙ୍ଗଳବାର ୧୦ଟି କୃଷ୍ଣସାର ମୃଗ ବାଲୁଖଣ୍ଡ ପଠାଯିବା ନେଇ ସୂଚନା ମିଳିଛି।

## ଦୁଇ ମନ୍ଦିର ହୁଣ୍ଡିରୁ ଚୋରି

ଭୁବନେଶ୍ୱର, ୧୭।୬ (ସମିସ): ତମାଣ୍ଡୋ ଗ୍ରାମର ଇଷ୍ଟଦେବତା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଓ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ହୁଣ୍ଡି ଭାଙ୍ଗି ସେଥିରୁ ଟଙ୍କା ଚୋରିକରି ନେଇଛନ୍ତି। ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ତମାଣ୍ଡୋ ମେଳଣ ପଡ଼ିଆରେ ରବିବାର ରଜ ମହୋତ୍ସବ ସରିବା ପରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବାଲୁଙ୍କେଶ୍ୱରଙ୍କ ମନ୍ଦିର ହୁଣ୍ଡିର ତାଲା ଭାଙ୍ଗି ସେଥିରୁ ଟଙ୍କା ଚୋରି କରି ନେଇଯାଇଛି। ସେହି ମନ୍ଦିରକୁ ଲାଗି ରହିଥିବା ଚନ୍ଦ୍ରଶେଖର ଦେବଙ୍କ ମନ୍ଦିର ହୁଣ୍ଡି ମଧ୍ୟ ସମାନ ଢଙ୍ଗରେ ଭଙ୍ଗାହୋଇ ଟଙ୍କା ଚୋରି ହୋଇଛି। ଏଥିସହିତ ଚନ୍ଦ୍ରଶେଖର ଦେବଙ୍କ ମୁଖ୍ୟ ଦ୍ୱାର ତାଲା ଭାଙ୍ଗି ଭିତରକୁ ପଶିଛନ୍ତି। ଭିତରେ ଥିବା ଆଲମାରୀ ତାଲା ଭାଙ୍ଗି ପିତ୍ତଳ ସାମଗ୍ରୀ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ସୋମବାର ଭୋର୍‌ରୁ ପୂଜକ ଗିରିଜା ଶଙ୍କର ମହାପାତ୍ର ପୂଜାର୍ଚ୍ଚନା କରିବାକୁ ଯାଇଥିବା ବେଳେ ଚୋରି ହୋଇଥିବା ଜାଣିଥିଲେ। ଏନେଇ ଗ୍ରାମବାସୀମାନେ ତମାଣ୍ଡୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରିଛି।

## କାବୁକରିବା ବେଳେ ମଦ୍ୟପଙ୍କ ମୁଣ୍ଡ ଫାଟିଲା

ଭୁବନେଶ୍ୱର, ୧୭।୬ (ସମିସ): ମଦ ପିଇ ଘରେ ଉତ୍ପାତ କରିବା ମହଙ୍ଗା ପଡ଼ିଲା। ପରିବାର ଲୋକ କାବୁକରିବା ବେଳେ ମଦ୍ୟପଙ୍କ ମୁଣ୍ଡ ଫାଟି ଯାଇଛି। ଏଭଳି ଘଟଣା କ୍ୟାପିଟାଲ ଥାନା ବାପୁଜୀନଗର ବସ୍ତିରେ ଦେଖିବାକୁ ମିଳିଛି। ଆହତ ହୋଇଥିବା ବ୍ୟକ୍ତି ହେଲେ ସାଗର ଦିଗାଲ। ପରିବାର ଲୋକ ପୁଣି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସୂଚନା ଅନୁସାରେ, ସାଗର ସବୁଦିନେ ମଦ ପିଇ ଆସି ଘରେ ପାଟିତୁଣ୍ଡ କରନ୍ତି। ସବୁଦିନ ପରି ରବିବାର ରାତିରେ ମଦପିଇ ଘରକୁ ଆସି ଆତଙ୍କରାଜ କରିଥିଲେ। ଘରର ସାମଗ୍ରୀ ଏଣେ ତେଣେ ଫିଙ୍ଗିବା ସହ ସମସ୍ତଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ପରିବାର ଲୋକେ କାବୁ କରିବା ସମୟରେ ତାଙ୍କ ମୁଣ୍ଡରେ ମାଡ଼ ହୋଇ ଫାଟି ଯାଇଥିଲା।

■ ଦେଶୀମଦ ଭାଟିରେ ଚଢ଼ଉ

## ଦୁଇ ହଜାର ଲିଟର ମଦ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧୭।୬ (ସମିସ): ବେଆଇନ ଦେଶୀମଦ ପ୍ରସ୍ତୁତି ଓ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ତାରିଣୀ ନଗରରେ ରହୁଥିବା ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅଞ୍ଚଳର ଶ୍ୟାମସୁନ୍ଦର ମୁର୍ମୁ (୫୨)। ପୁଲିସ ସୂଚନା ଅନୁସାରେ, ସାଲିଆ ସାହି ଇଡ୍‌କୋ ବସ୍ତିରେ ବେଆଇନ ଦେଶୀମଦ ପ୍ରସ୍ତୁତ ହେଉଥିବା ନେଇ ମୈତ୍ରୀ ବିହାର ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସାଲିଆ ସାହି ତାରିଣୀ ନଗରରେ ଅତର୍କିତ ଚଢ଼ଉ କରିଥିଲା। ସେଠାରେ ବେଆଇନ ବିଷାକ୍ତ ଦେଶୀ ମଦ ପ୍ରସ୍ତୁତି ଓ ସର୍ବସାଧାରଣରେ ବିକ୍ରି କରୁଥିବା ଶ୍ୟାମସୁନ୍ଦରକୁ ଗିରଫ କରିଥିଲା। ଯାଞ୍ଚ ସମୟରେ ପୁଲିସ ତା ହେପାଜତରୁ ୨ ହଜାର ଲିଟର ବିଷାକ୍ତ ଦେଶୀ ମଦ ଓ ମଦ ପ୍ରସ୍ତୁତିରେ ବ୍ୟବହୃତ ୫୫ଟି ଡେକ୍‌ଚି ଜବତ କରିଥିଲା। ଦେଶୀମଦ ପ୍ରସ୍ତୁତି ଓ ବିକ୍ରୟ ନେଇ ତା ପାଖରେ କୌଣସି ଅନୁମତି ପତ୍ର ନ ଥିବା ଶ୍ୟାମସୁନ୍ଦର ସ୍ୱୀକାର କରିଥିଲା। ତା ନାମରେ ପୂର୍ବରୁ ମଧ୍ୟ ଏକ ବେଆଇନ ମଦ ପ୍ରସ୍ତୁତି ତଥା ବିକ୍ରିଜନିତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



**ବିଧାୟକଙ୍କ ଶପଥଗ୍ରହଣ ଲାଗି ସୁରକ୍ଷା କଡ଼ାକଡ଼ି**

# ତ୍ରିସ୍ତରୀୟ ସୁରକ୍ଷା; ଜଗିବେ ୮ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୧୭।୬ (ସମିସ): ନୂତନ ଭାବେ ନିର୍ବାଚିତ ବିଧାୟକଙ୍କ ଶପଥଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ଲାଗି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଧାନସଭା ପରିସରରେ ତ୍ରିସ୍ତରୀୟ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ବିଧାନସଭା ଓ ଆଖପାଖ ଅଞ୍ଚଳ ପୁଲିସ ଛାଉଣି କରାଯିବ। ସୁରକ୍ଷା ଦାୟିତ୍ୱରେ ୮ ପ୍ଲାଟୁନ ଫୋର୍ସ ଓ ବିଭିନ୍ନ ପାହ୍ୟାର ୭୫ଜଣ ଅଧିକାରୀଙ୍କୁ ମୁତୟନ କରାଯିବ। ଏଥିରେ ଅତିରିକ୍ତ ଡିସିପି, ଏସିପି, ଇନ୍ସପେକ୍ଟର, ଏସ୍ଆଇ, ହାବିଲଦର, କନ୍‌ଷ୍ଟେବଲ ଓ ମହିଳା ପୁଲିସ ରହିଛନ୍ତି। ସେଭଳି ଏସ୍ଓଜି, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, କ୍ୟୁଏଟି, ଡଗ୍ ସ୍କ୍ୱାଡ, ଅଗ୍ନିଶମ ବିଭାଗ ସବୁ ଦିଗ ଉପରେ କଡ଼ା ନଜର ରଖିବେ ବୋଲି ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

**ଲୋୟର ପିଏମ୍‌ଜିରେ ଧାରଣା ପାଇଁ ମିଳୁନି ଅନୁମତି**

ସେହିପରି ଲୋୟର୍ ପିଏମ୍‌ଜିରେ ଏଥର ଧାରଣା ପାଇଁ ଅନୁମତି ମିଳିବ ନାହିଁ। ତଥାପି ମଧ୍ୟ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋୟର ପିଏମ୍‌ଜି, ରବୀନ୍ଦ୍ର ମଣ୍ଡପ ଛକ ଓ ସଂଲଗ୍ନ ରାସ୍ତାରେ ପର୍ଯ୍ୟାପ୍ତ ସିସିଟିଭି ଲଗାଯାଇଛି। ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ବିଧାନସଭା ଚାରିପଟେ ୧୪୪ ଧାରା ଲାଗୁ କରିବା ସହ ସଶସ୍ତ୍ର ସୁରକ୍ଷା ବାହିନୀ ଆହୋରାତ୍ର ଜଗିବେ। ବିଧାନସଭା ଛାତ ଉପରେ ପୁଲିସ ରହିବେ। ପ୍ରବେଶ ପଥରେ ଚେକ୍‌ପୋଷ୍ଟ କରାଯିବା ସହିତ ବିଧାନସଭାକୁ ସଂଯୋଗ କରୁଥିବା ରୁଟ୍‌କୁ ଡାଇଭର୍ଟ କରାଯିବ। ସୋମବାର ଡିଜିପିଙ୍କ ସହ ପୁଲିସ କମିସନର୍ ସଞ୍ଜୀବ ପଣ୍ଡା, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଗୁଇନ୍ଦା ଆଇଜି ଅନୁପ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି।





## ଟ୍ରାଫିକ୍ ପୋଷ୍ଟର ନବୀକରଣ

**ପୋଷ୍ଟରେ ଲାଗିଛି ଫ୍ୟାନ୍ ଓ ଲାଇଟ୍**

**ଖୋଲିବ ଆଉ ୧୪ ଟ୍ରାଫିକ୍ ପୋଷ୍ଟ**

ଭୁବନେଶ୍ୱର, ୧୭।୬ (ସମିସ): ଖରା ଓ ବର୍ଷାରୁ ମୁକ୍ତି ପାଇବା ଲାଗି ଟ୍ରାଫିକ୍ କର୍ମଚାରୀ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଟ୍ରାଫିକ୍ ପରିଚାଳନା କ୍ଷେତ୍ରରେ ଆହୁରି ସୁଦୃଢ଼ କରାଯାଇଛି। ସହରରେ ଥିବା ଟ୍ରାଫିକ୍ ପୋଷ୍ଟଗୁଡ଼ିକର ନବୀକରଣ କରାଯିବା ସହ ଏଠାରେ ଐତିହ୍ୟ ସ୍ଥାନ ପାଇଛି। ଟ୍ରାଫିକ୍ ପୋଷ୍ଟଗୁଡ଼ିକରେ ଫ୍ୟାନ୍, ଲାଇଟ୍ ସହ ଅନ୍ୟାନ୍ୟ ବ୍ୟବସ୍ଥା ହୋଇଛି। ପ୍ରବଳ ଖରା ହେଉଥିବାରୁ ଟ୍ରାଫିକ୍ ପୋଷ୍ଟରେ ଛିଡ଼ାହୋଇ ପରିଚାଳନା କରିବା ସମ୍ଭବ ହେଉ ନ ଥିଲା। ତେଣୁ ପୋଷ୍ଟର ୩ ପଟରେ ଜରି ପାଲ ଲଗାଯାଇଛି। ସେଭଳି ଆଗକୁ ବର୍ଷା ଦିନ ଆସୁଥିବାରୁ ପୋଷ୍ଟଗୁଡ଼ିକରେ ଉକ୍ତ ଜରିକୁ ଲଗାଯିବ। ସହରରେ ରୁପାଲି, ଆଇଡିବିଆଇ ଛକ, ମାଷ୍ଟରକ୍ୟାଣ୍ଟିନ, ଏଜି ଭଳି ୧୦ରୁ ଅଧିକ ଛକରେ ଥିବା ପୋଷ୍ଟଗୁଡ଼ିକରେ ଜରିପାଲର ଆଚ୍ଛାଦିତ କରାଯାଇଛି।







ସେହିପରି ରାଜଧାନୀର ଆଉ ୧୪ଟି ଛକରେ ନୂଆ ଟ୍ରାଫିକ ପୋଷ୍ଟ ଖୋଲାଯିବ। ସେଗୁଡ଼ିକ ହେଲା ଟ୍ରାଫିକ-୧ ଅଧୀନରେ ଥିବା ଶିରିଡି ସାଇ ମନ୍ଦିର, ରାଜମହଲ, ବାଣୀବିହାର, ପାଣ୍ଡରା ଓ କେଶୁରା ଆଦି ଛକରେ ନୂଆ ଟ୍ରାଫିକ ପୋଷ୍ଟ ଖୋଲିବ। ସେଭଳି ଟ୍ରାଫିକ-୨ ଅଧୀନରେ ଆସୁଥିବା କଳାରାହଙ୍ଗ କଟ୍, ଇନ୍‌ଫୋସିଟି ଛକ, ଶୈଳେଶ୍ରୀବିହାର, ପାଲ ହାଇଟ୍ସ, ନୂଆପଲ୍ଲୀ, ସିଆର୍‌ପି ଛକ, ଫାୟାର ଷ୍ଟେସନ, ଖଣ୍ଡଗିରି ଛକ ଏବଂ ଆଇଗଣିଆ କଟ୍‌ରେ ନୂଆ ଟ୍ରାଫିକ୍ ପୋଷ୍ଟ ଖୋଲିବ। ଏପରିକି ଏଜି ଛକ, କ୍ୟାପିଟାଲ ହସ୍ପିଟାଲ ଛକ, ଡମଣା, ନାଲ୍‌କୋ, ରସୁଲଗଡ଼ ଓ କିଟ୍ ଭଳି ୮ଟି ଛକରେ ଥିବା ଏଡ୍‌ପୋଷ୍ଟଗୁଡ଼ିକ ନବୀକରଣ ବନ୍ଦୋବସ୍ତ ହୋଇଛି।

■ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ପିଏଙ୍କ ମୃତ୍ୟୁ ଘଟଣା

## ୬ ଦିନ ପରେ ଧରାପଡ଼ିଲା କାର୍‌ଚାଳକ

ଭୁବନେଶ୍ୱର, ୧୭।୬ (ସମିସ): ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ମୃତ୍ୟୁ ଘଟଣାର ୬ ଦିନ ପରେ କାର୍ ଚାଳକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀର ସନ୍ତୋଷ କୁମାର ସ୍ୱାଇଁ (୩୨)। ପୁଲିସ ସୂଚନା ଅନୁସାରେ, ଫୁଲେଶ୍ୱରୀ ବିଜୁ ଆଦର୍ଶ କଲୋନୀର ଚନ୍ଦନ କୁମାର ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସହାୟକ ଭାବେ କାମ କରୁଥିଲେ। ଗତ ୧୧ ତାରିଖ ଦିନ ସକାଳେ ଚନ୍ଦନ ବାଇକ୍ ଯୋଗେ ଅଫିସକୁ ଯାଉଥିଲେ। ସେ ଡେଲ୍‌ଟା ଛକ ନିକଟସ୍ଥ ଜଳେଶ୍ୱର ମନ୍ଦିର ନିକଟରେ ପାଇଥିବା ବେଳେ ଅଭିଯୁକ୍ତ ସନ୍ତୋଷ ବିପରୀତ ବା ରଙ୍ଗ ରୁଟ୍‌ରେ କାର୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସନ୍ତୋଷ ତାଙ୍କୁ ଧକ୍କା ଦେବା ପରେ ଅନ୍ୟ ଦୁଇଟି ଗାଡ଼ିକୁ ଧକ୍କା ଦେଇ ଘଟଣାସ୍ଥଳରେ କାର୍ ଛାଡ଼ି ଖସି ପଳାଇଥିଲା। ଦୁର୍ଘଟଣା ଫଳରେ ଚନ୍ଦନ ଗାଡ଼ି ସହ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଚନ୍ଦନଙ୍କୁ ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚନ୍ଦନଙ୍କ ବଡ଼ ଭାଇ ନୂଆପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଦଫା ୨୭୯/୩୩୭/୩୩୮ ଓ ୩୦୪ (ଏ) ଆଇପିସିରେ ମାମଲା ରୁଜୁ କରିଥିଲା। ପୁଲିସ ସୋମବାର କାର୍ ଚାଳକ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି।



## ପୃଥକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ଯାଁଳା, ୧୭।୬ (ସମିସ): ଇନ୍‌ଫୋସିଟି ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଥିବାବେଳେ ଜଣେ ଆହତ ହୋଇଛନ୍ତି। ଯାଁଳା ଓ ଗଙ୍ଗପଡ଼ା ମଧ୍ୟରେ ପୃଥକ୍ ଦୁର୍ଘଟଣା ଘଟିଛି। ୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଢାବା ଛକଠାରେ ଏକ ଦୁର୍ଘଟଣା ଘଟିଥିଲା। ଫଳରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା କାଇମା ଗ୍ରାମର ପ୍ରଶାନ୍ତ ପ୍ରଧାନ (୩୬)। ଗତକାଲି ରାତିରେ ପ୍ରଶାନ୍ତ ରାସ୍ତା ପାରି ହେଉଥିବା ସମୟରେ ଖୋର୍ଦ୍ଧାରୁ ଯାଁଳା ଅଭିମୁଖେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ଯାଁଳା ଓଭରବ୍ରିଜ ଉପରେ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ଲୁହା ପାଇପ୍ ଖସିଯିବାରୁ ପଛରେ ଆସୁଥିବା କିଛି ଗାଡ଼ିରେ ବାଜିଥିଲେ ବି ଅଳ୍ପକେ ବଡ଼ ଅଘଟଣରୁ ବର୍ତ୍ତିଯାଇଥିଲେ। ଏଭଳି ବେପରୁଆ ଗାଡ଼ି ଚାଳନାକୁ ନେଇ କିଛି ସମୟ ଉତ୍ତେଜନା ଦେଖାଯାଇଥିଲା। ଘଟଣାସ୍ଥଳରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି ଦିନ ପ୍ରାୟ ୧୨ଟାବେଳେ ଯାଁଳା ଫାଣ୍ଡି ନିକଟରେ ଏକ ଦୁର୍ଘଟଣା ଘଟିଥିଲା। ଏକ କାର୍ ଗାଈକୁ ଧକ୍କା ଦେଇ ସ୍କୁଟିକୁ ପିଟିବା ଫଳରେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ସ୍କୁଟି ଚାଳକଙ୍କ ପରିଚୟ ଜଣାପଡ଼ିନାହିଁ। ଖବର ପାଇ ଯାଁଳା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସ୍କୁଟି ଚାଳକଙ୍କୁ ଡାକ୍ତରଖାନା ପଠାଇଥିଲା।





ସେହିପରି ୧୬ ନମ୍ବର ଜାତୀୟ ରାଜପଥ ଓଗାଳପଡ଼ା ଛକ ନିକଟରେ ଏକ ମାଙ୍ଗାନିଜ ବୋଝେଇ ଟ୍ରକ୍ ରାସ୍ତା କଡ଼ ବାଡ଼ରେ ପିଟି ହୋଇଯାଇଥିଲା। ଫଳରେ ବାଡ଼ ଭାଙ୍ଗି ଟ୍ରକ୍‌ଟି ଓଲଟି ପଡ଼ିଥିଲା। ଏଥିଯୋଗୁଁ ସର୍ଭିସ ରାସ୍ତା ପ୍ରାୟ ୨ଘଣ୍ଟା ବନ୍ଦ ହୋଇଯାଇଥିଲା। ଏହି ମାଙ୍ଗାନିଜ ବୋଝେଇ ଟ୍ରକ୍ ଭୁବନେଶ୍ୱରପଟୁ ଗୋପାଳପୁର ଅଭିମୁଖେ ଯାଉଥିଲା। ଓଗାଳପଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ଏଭଳି ଅଘଟଣ ଘଟିଥିଲା। ଇନ୍‌ଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାତାୟାତ ସ୍ୱାଭାବିକ କରାଇଥିଲା।

# ଅଡୁଆ କରୁଛି ଅଜଣା ମୃତଦେହ



ଭୁବନେଶ୍ୱର, ୧୭।୬ (ସମିସ): ରାଜଧାନୀରେ ଦିନକୁ ଦିନ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ବଢ଼ିଚାଲିଛି। ମୃତଦେହର ପରିଚୟ ମିଳୁ ନ ଥିବାରୁ କମିସନରେଟ୍ ପୁଲିସ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟିକରିଛି। କିଛିବର୍ଷ ହେଲା ସହରରେ ଅଧିକ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ମିଳୁଛି। ବର୍ଷକୁ ପ୍ରାୟ ୨୦ରୁ ୨୫ଟି ଅଜଣା ମୃତଦେହ ମିଳୁଛି। ନିକଟରେ ଭୁବନେଶ୍ୱରରେ ୫ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୈତ୍ରୀବିହାର,

**ଭୁବନେଶ୍ୱରରୁ ବର୍ଷକୁ ମିଳୁଛି ୨୫ ଅଜଣା ମୃତଦେହ**

**ମିଳୁନି ଅପରିଚିତଙ୍କ ପରିଚୟ; ବାଟବଣା ତଦନ୍ତ**

ଜିଆର୍‌ପି, କ୍ୟାପିଟାଲ୍, ଚନ୍ଦକା ଓ ସହିଦନଗର ଥାନା ଅଞ୍ଚଳରୁ ଗୋଟିଏ ଲେଖାଏଁ ଅଜଣା ମୃତଦେହ ଠାବ କରାଯାଇଛି। ସେହିଭଳି ଦୁର୍ଘଟଣା ଓ ନଦୀ କିମ୍ବା କେନାଲରୁ ମିଳୁଥିବା ଅନେକ ମୃତଦେହର ପରିଚୟ ମିଳିପାରିନି। ସେଭଳି ଆତ୍ମହତ୍ୟା, ହତ୍ୟା, ଦୁର୍ଘଟଣା କିମ୍ବା ଅସ୍ୱାଭାବିକ ମୃତ୍ୟୁ ହେଲେ ବି ପରିଚୟ ନ ମିଳିବାରୁ ତଦନ୍ତରେ ବାଧା ସୃଷ୍ଟି ହେଉଛି। ଏପରିକି କମିସନରେଟ୍ ପୁଲିସ ତଦନ୍ତ ଅଧାବାଟରେ ଅଟକି ବାଟବଣା ହେଉଥିବା ଅଭିଯୋଗ ହେଉଛି। ପୁଲିସ ପରବର୍ତ୍ତୀ ସମୟରେ ଏକ ଅପମୃତ୍ୟୁ ମାମଲା ରୁଜୁ କାମ ତୁଟାଇ ଦେଉଛି। ସେହିପରି ନିରାଶ୍ରୟ, ମାନସିକ ବିକାରଗ୍ରସ୍ତ ଓ ଅଙ୍ଗ ହରାଇଥିବା ବ୍ୟକ୍ତି ମରିଯାଉଛନ୍ତି। ସେମାନେ ରେଳ ଷ୍ଟେସନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ କ୍ୟାପିଟାଲ୍ ହସ୍ପିଟାଲ ଆଦିରେ ନିରାଶ୍ରୟ ହୋଇ ବାସ କରୁଛନ୍ତି। କିଏ ଖାଦ୍ୟ ଅଭାବରୁ ତ ଆଉ କିଏ ବହୁ ରୋଗରେ ପୀଡ଼ିତ ହୋଇ ମରିଯାଉଛନ୍ତି। ଟ୍ରେନ୍‌ରେ କଟିବା, ଖସିପଡ଼ିବା କିମ୍ବା ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସୁଛି। ଏଥିରେ ଅଧିକାଂଶଙ୍କ ପରିଚୟ ମିଳିପାରୁନି। ମୃତଦେହଗୁଡ଼ିକ ଖଣ୍ଡ ବିଖଣ୍ଡିତ ହେଉଥିବାରୁ ଚିହ୍ନଟ କରିବା ବିଳମ୍ବ ହୋଇଛି। ଜିଆର୍‌ପିରେ ଅଧିକ ଅପରିଚିତଙ୍କ ପରିଚୟ ମିଳୁ ନ ଥିବା ଅଭିଯୋଗ ହେଉଛି। ତେବେ ଅଜଣା ମୃତଦେହଗୁଡ଼ିକର ପରିଚୟ ଠାବ କରିବା ଲାଗି ସମସ୍ତ ପ୍ରକାରର ପ୍ରୟାସ କରାଯାଉଛି ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।

**ପରିଚୟ ଲାଗି ୯୬ ଘଣ୍ଟା ସମୟ**

ଅଜଣା ମୃତଦେହ ଖବର ମିଳିଲେ ପୁଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରୁଛି। ପରିଚୟକୁ ଚିହ୍ନଟ କରିବା ଲାଗି ବିଭିନ୍ନ ଥାନାକୁ ଖବର ଦିଆଯାଉଛି। ଥାନାରେ ମିସିଂ ରିପୋର୍ଟ, ଗଣମାଧ୍ୟମରେ ଦିଆଯାଇ ଏକ ଅପମୃତ୍ୟୁ ମାମଲା ରୁଜୁହେଉଛି। ମୃତଦେହକୁ ଶବ ସଂରକ୍ଷଣ ଗୃହରେ ୯୬ ଘଣ୍ଟା ଯାଏଁ ସାଇତି ରଖାଯାଉଛି। ସେଇ ୯୬ ଘଣ୍ଟା ଭିତରେ ଯଦି ମୃତକର ପରିଚୟ ନ ମିଳିଲେ, ବାଧ୍ୟହୋଇ ଶବକୁ ସଂସ୍କାର କରାଯାଉଛି। ସେହିଭଳି ଯଦି ହତ୍ୟା କିମ୍ବା ସନ୍ଦେହଜନକ ରହିଛି, ସପ୍ତାହେ କିମ୍ବା ଅଧିକ ଦିନ ପର୍ଯ୍ୟନ୍ତ ଉକ୍ତ ମୃତଦେହକୁ ସାଇତି ରଖାଯାଉଛି। ପରେ ପୁନଶ୍ଚ ମୃତଦେହକୁ ପୋତାଯାଉଛି। ଆବଶ୍ୟକ ପଡ଼ିଲେ ମୃତଦେହକୁ ଖୋଳାଯାଇ ମାଟିତଳୁ ମୃତଦେହକୁ ଉଦ୍ଧାର କରି ତଦନ୍ତ କରାଯାଉଛି।

### ଧିମେଇଗଲା ଡିଏନ୍ଏ ବିଲ୍

ସାରା ଦେଶରେ ପ୍ରତିବର୍ଷ ଏକ ଲକ୍ଷରୁ ଅଧିକ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ଠାବ କରାଯାଉଛି। ଅପରିଚିତ ବ୍ୟକ୍ତିଙ୍କ ପରିଚୟ ଠାବ କରିବା ଲାଗି ଡିଏନ୍ଏ ଟେଷ୍ଟ କରିବା ଲାଗି କେନ୍ଦ୍ର ସରକାର ୨୦୧୮ ମସିହାରେ ଏକ ଆଇନ ଅନୁମୋଦନ ଲାଭ କରିଥିଲା। ମାତ୍ର ଏହା ଆଜି ଯାଏଁ କାର୍ଯ୍ୟକାରୀ ହୋଇପାରିନି। ସେଭଳି ଅପରିଚିତ ବ୍ୟକ୍ତିଙ୍କୁ ଠାବ କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ଆବଶ୍ୟକ ରହିଛି। ଅପରିଚିତ ବ୍ୟକ୍ତିଙ୍କ ପରିଚୟ ଲାଗି ଫିଙ୍ଗରପ୍ରିଣ୍ଟ୍ ଓ ଆଧାର ସଂଯୋଗ କଲେ ମୃତକର ପରିଚୟ ମିଳିବାରେ ସହଜ ହେବ। ମାତ୍ର ଏହାକୁ କୋର୍ଟ ଅନୁମତି ଦେଉନାହାନ୍ତି। ଫିଙ୍ଗରପ୍ରିଣ୍ଟ୍ ଓ ଆଧାର ଯାଞ୍ଚ କରିବା ଦ୍ୱାରା ଅପରାଧିକ କାର୍ଯ୍ୟକଳାପ ବଢ଼ିବା ସହ ଏହାକୁ ଅପବ୍ୟବହାର କରିବାର ଆଶଙ୍କା ରହିଥିବାରୁ ଏହାକୁ ଅନୁମତି ମିଳୁନି ବୋଲି କୁହାଯାଉଛି।

### ୧୬ ବର୍ଷରେ ମିଳିନି ୨୮୯ ପରିଚୟ

କମିସନରେଟ୍ ପୁଲିସ ପ୍ରାରମ୍ଭ ଦିନ ଠୁ ଆଜି ଯାଏଁ ଅପରିଚିତଙ୍କ ପରିଚୟ ଠାବ କରିବାରେ ପୁଲିସ ଲାଗି କାଠିକର ପାଠ ହୋଇଛି। ଗତ ୧୬ ବର୍ଷରେ ରାଜଧାନୀରୁ ୨୮୯ ଜଣ ବ୍ୟକ୍ତିଙ୍କ ପରିଚୟ ମିଳିପାରିନି। କେଉଁଟାର ଫାଇଲ୍ ବନ୍ଦ ହୋଇଗଲାଣି ତ ଆଉ କେଉଁଟାର ତଦନ୍ତ ଖୋଲା ରହିଛି। ୨୦୦୮ ରେ ୨୬ଟି, ୨୦୦୯ରେ ୧୩ଟି, ୨୦୧୦ ୨୦ଟି, ୨୦୧୧ରେ ୧୭ଟି, ୨୦୧୨ରେ ୮ଟି, ୨୦୧୩ ୭ଟି, ୨୦୧୪ରେ ୧୬ଟି, ୨୦୧୫ରେ ୪ଟି, ୨୦୧୬ ରେ ୪ଟି, ୨୦୧୭ରେ ୧୧ଟି, ୨୦୧୮ ରେ ୪୫ଟି, ୨୦୧୯ ରେ ୩୮ଟି, ୨୦୨୦ରେ ୨୫ଟି, ୨୦୨୧ରେ ୧୫ଟି, ୨୦୨୨ରେ ୨୧ଟି, ୨୦୨୩ଟି ୧୯ଟି ଅଜଣା ମୃତଦେହ ମିଳିଥିଲା। ଶବକୁ ସଂସ୍କାର କରିବା ପରେ କେବଳ ଫଟୋ ଓ ମୃତଦେହ ନିକଟରେ ମିଳିଥିବା କିଛି ସାମଗ୍ରୀ ଧରି ପରିଚୟ ସନ୍ଧାନରେ ରହିଛି କମିସନରେଟ୍ ପୁଲିସ।





# ଭୁବନେଶ୍ୱର ସିଟି

# ଷାଠିଏ ସେକେଣ୍ଡରେ ଛିନ୍ନଛତ୍ର



ଭୁବନେଶ୍ୱର, ୧୭ ।୬(ସମିସ): ରାଜଧାନୀରେ ଦିନ ତମାମ୍ ଗରମ ଆଉ ଗୁଳୁଗୁଳି ଯୋଗୁଁ ଲୋକେ ତ୍ରାହି ତ୍ରାହି ଡାକୁଥିଲେ। ସନ୍ଧ୍ୟା ପୂର୍ବରୁ ମାତ୍ର ୬୦ ସେକେଣ୍ଡର ଘୂର୍ଣ୍ଣିଝଡ଼ କିଛି ସମୟ ପାଇଁ ପ୍ରବଳ ବର୍ଷା ଆଉ ପବନକୁ ଡାକି ଆଣିଥିଲା। ଆକାଶ ଅନ୍ଧାରିଆ ହେଇଗଲା। ଏହାର ପ୍ରଭାବରେ ପବନର ବେଗ ବଢ଼ିଯାଇଥିଲା। ବିଭିନ୍ନ ସ୍ଥାନରେ ଗଛ ଏବଂ ଡାଳ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ରାସ୍ତାସାରା ସବୁଜ ଆବର୍ଜନା ପଡ଼ି ରହିଥିଲା। ଭୁବନେଶ୍ୱରର ଡେଲ୍‌ଟା କଲୋନୀଠାରୁ ଆରମ୍ଭ କରି ୟୁନିଟ୍-୮, ଶିରିପୁର ଆଦି ଅଞ୍ଚଳରେ ବର୍ଷା ଓ ଘୂର୍ଣ୍ଣିଝଡ଼ ପ୍ରଭାବରେ ଗଛଗୁଡ଼ିକ ରାସ୍ତା ଉପରେ ଭାଙ୍ଗି ପଡ଼ିଥିଲା। ପବନରେ କେତେକ ଅଞ୍ଚଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇପଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ରାଜଧାନୀର ପ୍ରମୁଖ ଅଞ୍ଚଳ ଅନ୍ଧାର ହୋଇଯାଇଥିଲା। ଫଳରେ ଲୋକେ ଯାତାୟତରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନେକ ଲୋକେ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ଅଗ୍ନିଶମ କର୍ମଚାରୀମାନେ ଭୁବନେଶ୍ୱର ସହର ମଧ୍ୟରେ ଦୀର୍ଘ ସମୟ ଧରି ଗଛଗୁଡ଼ିକ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅଚାନକ ବର୍ଷା ବନ୍ଦ ହୋଇଗଲା। ପବନ ବି ଥମିଗଲା। ପରିସ୍ଥିତି ପୁଣି ଯାହାକୁ ସେଇଆ। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଆଗାମୀ ୨ ଦିନ ରାଜଧାନୀର ସର୍ବାଧିକ ତାପମାତ୍ର ୪୦ ଡିଗ୍ରୀ ଉପରେ ରହିବ ବୋଲି ଆକଳନ କରାଯାଇଥିଲା ବେଳେ ସର୍ବନିମ୍ନ ତାପମାତ୍ର ୨୯ ଡିଗ୍ରୀ ରହିବ ବୋଲି ଅନୁମାନ କରାଯାଇଛି। ସେହିପରି ଭୁବନେଶ୍ୱରରେ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି। ୧୯ ତାରିଖ ଦିନ ବିଜୁଳି ମାରିବା ସହ ବର୍ଷାର ମଧ୍ୟ ସମ୍ଭାବନା ରହିଛି।




## ବଜ୍ରପାତରେ ନାବାଳକ ମୃତ

ନନ୍ଦନକାନନ,୧୭।୬(ସମିସ): ବାରଙ୍ଗ ଅଞ୍ଚଳରେ ସୋମବାର ଅପରାହ୍ନରେ ଘଟିଥିବା କାଳବୈଶାଖୀରେ ଘଡ଼ଘଡି ମାରି ଜଣେ ୯ବର୍ଷର ବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ହେଉଛନ୍ତି ବାରଙ୍ଗ ଥାନା ତଳଗଡ଼ ଗ୍ରାମର ଶିବ ସିଂଙ୍କ ପୁଅ ରାଜେଶ ସିଂ (୯)। ରାଜେଶର ପିତା ଏଠାରେ ଦୀର୍ଘବର୍ଷ ଧରି ରହି ଏକ ଇଟାଭାଟିରେ କାର୍ଯ୍ୟ କରିଆସୁଛନ୍ତି। ସୋମବାର ଅପରାହ୍ନରେ ଶିବ ସିଂ ପତ୍ନୀ ଏବଂ ପୁଅ ରାଜେଶକୁ ଧରି ତଳଗଡ଼ ନିକଟସ୍ଥ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଆସିଥିଲେ। ହଠାତ ବର୍ଷା ଓ ଘଡ଼ଘଡ଼ି ସାଙ୍ଗକୁ ପବନ ମାଡ଼ି ଆସିବାରୁ ସେମାନେ ଶୀଘ୍ର ଶୀଘ୍ର ଗଧୋଇକି ଫେରୁଥିଲେ। ଫେରିବା ସମୟରେ ବଜ୍ରପାତରେ ପୁଅ ରାଜେଶ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କଟକ ଶିଶୁଭବନରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଲାଲବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ କାଳବୈଶାଖୀ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗଛଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିବା ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ରାସ୍ତା ଉପରେ ପଡ଼ିରହିଛି। ଏହି ଅଞ୍ଚଳର କିଛି ଲୋକଙ୍କ ଘର ଚାଳଛପର ଆଜବେଷ୍ଟ ଉଡ଼ିଯାଇଥିବା ଖବର ମିଳିଛି।




# ଆଇଫୋନ୍ ନ ଦେବାରୁ ହାତ କାଟିଦେଲେ ଯୁବକ

ଭୁବନେଶ୍ୱର, ୧୭ ।୬(ସମିସ): କଲେଜରେ ନାମ ଲେଖାଇବା ପୂର୍ବରୁ ମ୍ୟାଟ୍ରିକ୍ ପାସ୍ କରିଥିବା ଜଣେ ଛାତ୍ର ଘରେ ଆଇଫୋନ୍ ପାଇଁ ଦାବି କରୁଥିଲେ। ଘର ଲୋକେ ଆଇଫୋନ୍ ଦେବାକୁ ମନା କରିବାରୁ କାଚରେ ହାତକାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଭରତପୁର ଥାନା ବରମୁଣ୍ଡାରେ ଦେଖିବାକୁ ମିଳିଛି। ବରମୁଣ୍ଡାର ରୋହିତ ନାମକ ଛାତ୍ରଙ୍କୁ ପରିବାର ଲୋକେ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ପରିବାର ଲୋକେ ରୋହିତଙ୍କୁ ଘରକୁ ନେଇଛନ୍ତି। ସୂଚନା ଅନୁସାରେ, ରୋହିତ ନିକଟରେ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଥିଲେ। ତେଣୁ ତାଙ୍କ ବାପା ଏକ ଘରୋଇ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ାଇବା ଫର୍ମ ପକାଇଥିଲେ। କିନ୍ତୁ ଆଇଫୋନ୍ ନ ଦେଲେ କଲେଜ ଯିବେ ନାହିଁ ବୋଲି ଜିଦ୍ ଧରିଥିଲେ। ପରିବାର ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେମାନେ ଆଇଫୋନ୍ ଦେବାକୁ ମନା କରି ଦେଇଥିଲେ। ଫଳରେ ରୋହିତ ଏକ କାଚ ବୋତଲକୁ ଭାଙ୍ଗି ସେଥିରେ ସେ ତାଙ୍କ ହାତ ପାପୁଲିକୁ କାଟି ଦେଇଥିଲେ। ହାତ କଟିବା ପରେ ଘର ସାରା ରକ୍ତ ଜୁଡୁବୁଡୁ ହୋଇଥିଲା। ରୋହିତ ଅଚେତ ହୋଇଯାଇଥିବାରୁ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# 'ମୋ ପିଠା'ରେ ୮ ଲକ୍ଷର ବେପାର

ଭୁବନେଶ୍ୱର, ୧୭।୬(ସମିସ): ଓଡ଼ିଶାର ଏକ ପ୍ରମୁଖ ପର୍ବ ହେଉଛି ରଜପର୍ବ। ଘରେ ଘରେ ପିଠାପଣାର ମହକ। କେବଳ ଗାଁ ଗହଳି ନୁହେଁ, ରାଜଧାନୀରେ ବି ପିଠାର ମହକ ବାଣ୍ଟିଥିଲେ କିଛି ଅନୁଷ୍ଠାନ। ସହରୀ ଜୀବନର ବ୍ୟସ୍ତତା ମଧ୍ୟରେ ରାଜଧାନୀର କିଛି ପରିବାରର ମହିଳା ଘରେ ପିଠା ପ୍ରସ୍ତୁତ କରି ରଜ ପାଳିଥିବାବେଳେ ଅଧିକାଂଶ ବିଭିନ୍ନ ଷ୍ଟଲ୍‌ରେ ମିଳୁଥିବା ପିଠା କିଣି ରଜ ପାଳିଥିଲେ। କିଛିବର୍ଷ ଧରି ରାଜଧାନୀରେ ଏଭଳି ପରମ୍ପରା ସୃଷ୍ଟି ହୋଇଥିବାବେଳେ ଚଳିତବର୍ଷ ଅନେକ ସଂସ୍ଥା ପିଠା ପ୍ରସ୍ତୁତ କରି ବିକ୍ରି କରିଥିଲେ। ସେଥିମଧ୍ୟରୁ କେବଳ 'ମୋ ପିଠା' ଷ୍ଟଲ୍‌ରେ ରଜରେ ପ୍ରାୟ ୮ ଲକ୍ଷ ଟଙ୍କାର ପିଠା ବିକ୍ରି ହୋଇଥିବା କହିଛନ୍ତି 'ମୋ ପିଠା'ର ପ୍ରତିଷ୍ଠାତା ଅରବିନ୍ଦ ନାୟକ। ତାଙ୍କ ସୂଚନା ମୁତାବକ 'ମୋ ପିଠା' ପକ୍ଷରୁ ବିଜୁ ପଟ୍ଟନାୟକ ପାର୍କ, ଆଇଜି ପାର୍କ, ରୁପାଲି ଛକ, ସହୀଦନଗର, ଜୟଦେବ ବିହାର, ସିଆର୍‌ପିଏଫ୍ ଛକ, ସତ୍ୟନଗର, ସାମନ୍ତରାପୁର ଭଳି ୧୩ଟି ସ୍ଥାନରେ ଷ୍ଟଲ୍ କରାଯାଇଥିଲା। ଯେଉଁଥିରେ କ୍ଷୀର ପୋଡ଼ ପିଠା, ସିଝା ମଣ୍ଡା, ଚନ୍ଦ୍ରକାନ୍ତି, ଆରିଷା, ବିରି ମଣ୍ଡା, କରଞ୍ଜି, ବିରି ପୋଡ଼ ପିଠା, କ୍ଷୀର ପୋଡ଼ ପିଠା, ଗୁଡ଼ରେ ତିଆରି ପୋଡ଼ ପିଠା ବିକ୍ରି ହୋଇଥିଲା। ଦଶ ଟଙ୍କାରୁ ଆରମ୍ଭ ହୋଇ ୩୫ ଟଙ୍କା ପର୍ଯ୍ୟନ୍ତ ପିଠାର ମୂଲ୍ୟ ରହିଥିଲା। ସକାଳ ୮ ରୁ ଆରମ୍ଭ ହୋଇ ରାତି ୧୦ ଯାଏଁ ଷ୍ଟଲ ଖୋଲାଯାଉଥିଲା। ହେଲେ ରଜରେ ପିଠା ଖାଇବାର ନିଶା ରାଜଧାନୀବାସୀଙ୍କ ମଧ୍ୟରେ ଏତେ ବଢ଼ି ଯାଇଥିଲା ଯେ ଦିନ ୧୦ଟା ସୁଦ୍ଧା ପିଟା ଷ୍ଟଲରେ ସବୁତକ ପିଠା ବିକ୍ରି ହୋଇଯାଉଥିଲା ବୋଲି ଶ୍ରୀ ନାୟକ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଏହି ରଜ ତିନି ଦିନ ମଧ୍ୟରେ ଦିନକୁ ସହୀଦନଗର ଷ୍ଟଲରେ ୨୫ ରୁ ୩୦ ହଜାର ଟଙ୍କାର ପିଠା ବିକ୍ରି ହୋଇଥିବା ବେଳେ ତାଙ୍କ ଆଉ ବାକି ୧୨ଟି ଷ୍ଟଲରେ ସେହିପରି ୫ ରୁ ୧୦ ହଜାର ଟଙ୍କାର ପିଠା ବିକ୍ରି ହୋଇଥିଲା। ସେ ସମସ୍ତ ପିଠା ମଧ୍ୟରୁ କ୍ଷୀର ପୋଡ଼ ପିଠା ଓ ଗୁଡ଼ରେ ତିଆରି



ପୋଡ଼ ପିଠା ଅଧିକ ବିକ୍ରି ହୋଇଥିଲା। ଲୋକ କେବଳ ଷ୍ଟଲକୁ ଯାଇ ନୁହେଁ, ବରଂ ଅନ୍‌ଲାଇନ୍‌ରେ ମଧ୍ୟ ଲୋକ ପିଠା ମଗାଇ ଖାଇଥିଲେ। ଏହି ତିନି ଦିନ ମଧ୍ୟରେ ତାଙ୍କର ପାଖାପାଖି ୭ ରୁ ୮ ଲକ୍ଷ ଟଙ୍କାର ପିଠା ବିକ୍ରି ହୋଇଛି। ଗତ ବର୍ଷ ୩ ରୁ ୪ ଲକ୍ଷ ଟଙ୍କାର ବିକ୍ରି ହୋଇଥିଲାବେଳେ ଚଳିତ ବର୍ଷ ଏହାର ଚାହିଦା ଅଧିକ ରହିଛି ବୋଲି ସେ କହିଛନ୍ତି। ସେହିପରି ଅନ୍ୟ ରାଜଧାନୀରେ ଥିବା ଅନ୍ୟ ଛୋଟ ପିଠା ଷ୍ଟଲଗୁଡିକରେ ମଧ୍ୟ ଦିନକୁ ୪ରୁ ୫ହଜାର ଟଙ୍କାର ବିକ୍ରି ହୋଇଛି ବୋଲି ବ୍ୟବସାୟୀଙ୍କ ଠୁ ଜମା ପଡ଼ିଛି।

**ଶ୍ୟାମପୁର ମୌଜା ଜମି ଜବରଦଖଲ ମାମଲା**

# ଉଚ୍ଛେଦରେ କୋହଳ; ମାଡ଼ିଚାଲିଛି ଜବରଦଖଲ

ଭୁବନେଶ୍ୱର, ୧୭ ।୬(ସମିସ): ବର୍ଷ ତମାମ୍ ସରକାରଙ୍କ ବିଭିନ୍ନ ବିଭାଗର ସରକାରୀ ଜମିରୁ ଜବରଦଖଲ ହଟାଉଥିବା ବିଡିଏ ଶ୍ୟାମପୁର ମୌଜାରେ ଥିବା ଏହାର ନିଜସ୍ୱ ମୂଲ୍ୟବାନ ୬୮ ଏକର ଜମିରୁ ଜବରଦଖଲ ମୁକ୍ତ କରିପାରୁ ନାହିଁ। ଫଳରେ ବେଳକୁ ବେଳ ଜବରଦଖଲ ବଢ଼ି ଚାଲିଛି।

ସୂଚନାଯୋଗ୍ୟ, ଶ୍ୟାମପୁର ମୌଜାରେ ବିଡିଏର ୬୮ ଏକର ଜମି ଥିଲା। ହାଉସିଂ ପ୍ରୋଜେକ୍ଟ ପାଇଁ ଉଦ୍ଦିଷ୍ଟ ଏହି ଜମିକୁ ବିଡିଏ ପାଚେରି ଘେରି ରଖିଥିଲା। ଏହାସତ୍ତ୍ୱେ ଜମିଟି ଜବରଦଖଲକାରୀଙ୍କ ହାତକୁ ଚାଲିଗଲା। ଜମି ଦଲାଲ ବିଡିଏ ଜମିକୁ ନିଜ କବ୍ଜାକୁ ନେଇ ଏଠାରେ ପ୍ଲଟିଂ କରି ଅନ୍ୟମାନଙ୍କୁ ବିକିଦେଲେ। ବହୁ ସଂଖ୍ୟାରେ ଲୋକେ ଏଠାରେ ଜମି କିଣି ଘର କରିବାକୁ ଲାଗିଲେ। ଏନେଇ 'ସକାଳ'ରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ ବିଡିଏର ଏକ ଟିମ୍ ଶ୍ୟାମପୁର ଗସ୍ତରେ ଯାଇ

## ୧୯ ଜବରଦଖଲକାରୀଙ୍କ ସଂଖ୍ୟା ୩ ଶହ ଟପିଲା

ଜବରଦଖଲ ସମ୍ପର୍କରେ ରିପୋର୍ଟ ଦେଲା। ଏହାପରେ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି ହେଲା। ସେହି ସମୟରେ ମାତ୍ର ୨୯ଟି ବେଆଇନ୍ ନିର୍ମାଣାଧୀନ ଘର ରହିଥିଲା। ଏହାପରେ କ୍ରାଇମ୍‌ବ୍ରାଞ୍ଚର ଇଓଡବ୍ଲ୍ୟୁରେ ଏତଲା ଦିଆଗଲା। ସେତେବେଳକୁ ବେଆଇନ ନିର୍ମାଣ ସଂଖ୍ୟା ୯୬ରେ ପହଞ୍ଚି ଯାଇଥିଲା। ଏହାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବାରୁ ଲୋକଦେଖାଣିଆ ଭାବେ ବିଡିଏ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଗୋଟିଏ ଘର ଭାଙ୍ଗି ଚାଲିଆସିଲେ। ହେଲେ ଏହାପର ଠାରୁ ବିଡିଏ ଅଧିକାରୀଙ୍କୁ ଶ୍ୟାମପୁରରେ ଆଉ ଦେଖିବାକୁ ମିଳୁନି। ଫଳରେ ଏବେ ଏଠାରେ ବେଆଇନ୍ ନିର୍ମାଣ ସଂଖ୍ୟା ୩୦୦ଶହ ଟପିବାକୁ ବସିଲାଣି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଘଟଣା ସାମ୍ନାକୁ ଆସିବାର କିଛିଦିନ ପରେ ବିଡିଏ ପ୍ରଥମେ ପୁଲିସକୁ ଦୋଷ ଦେଲା। ପରେ କହିଲା, ଯାହା ହେଉପଛେ ଏକାମ୍ର ଉତ୍ସବ ଶେଷ ହେବା ପରେ ଆମେ ଏଠାରୁ ବେଆଇନ୍ ନିର୍ମାଣ ହଟାଇ ଦେବୁ। ଏକାମ୍ର ଉତ୍ସବ ଶେଷ ହେବା ପରେ ପୁଲିସ ଫୋର୍ସ ମିଳୁ ନାହାନ୍ତି ବୋଲି ବିଡିଏ ପକ୍ଷରୁ କୁହାଯାଇଥିଲା। ପୁଲିସ ଫୋର୍ସ ମିଳିବା ମାତ୍ରେ ଶ୍ୟାମପୁରରୁ ବେଆଇନ ଜବରଦଖଲ ହଟିଯିବ। ପୁଣି ନିର୍ବାଚନ ପାଖେଇ ଆସିବାରୁ ନିର୍ବାଚନର ବାହାନା ଦିଆଗଲା। ନିର୍ବାଚନ ଶେଷ ହେବା ପରେ ଜବରଦଖଲ ହଟାଯିବ ବୋଲି କୁହାଗଲା। ହେଲେ ଏବେ ନିର୍ବାଚନ ଶେଷ ହୋଇଛି। ଆଗକୁ ଶ୍ୟାମପୁର ମୌଜାରୁ ଜବରଦଖଲ ଉଚ୍ଛେଦ ହେବ କିମ୍ବା ବିଡିଏ ଅଧିକାରୀମାନେ ଅନ୍ୟ କୌଣସି ବାହାନା ଦେବେ ତାହା ସମୟ କହିବ।

**ଆମ ରାଜଧାନୀ ଆମ ଐତିହ୍ୟ**



# ସପ୍ତରଥ ଶୈଳୀରେ ଲକ୍ଷେଶ୍ୱର ମନ୍ଦିର

ଭୁବନେଶ୍ୱର, ୧୭।୬(ସମିସ): ଭୁବନେଶ୍ୱରରେ ସବୁଠୁ ଅଧିକ ଐତିହ୍ୟ ସମ୍ପନ୍ନ ମନ୍ଦିରଗୁଡ଼ିକୁ ଦେଖିବାକୁ ମିଳିଥାଏ। ଲିଙ୍ଗରାଜ ମନ୍ଦିର ଆଖପାଖରେ ଦେଖିବାକୁ ମିଳେ ଛୋଟରୁ ବଡ଼ ଅନେକ ପୁରାତନ ମନ୍ଦିର। ସେସବୁ ମନ୍ଦିରର ଭିନ୍ନ ଭିନ୍ନ ଇତିହାସ ରହିଛି। ସେଥିମଧ୍ୟରୁ ତ୍ରୟୋଦଶ ଶତାବ୍ଦୀର ଲକ୍ଷେଶ୍ୱର ମନ୍ଦିର ଅନ୍ୟତମ। ଏକକ ବିମାନ ଶୋଭିତ ଏହି ମନ୍ଦିର ସପ୍ତରଥ ଶୈଳୀରେ ନିର୍ମିତ ହୋଇଛି। ମୁଖଶାଳା ନ ଥିବା ଏହି ପ୍ରାଚୀନ କୀର୍ତ୍ତିରେ ପରବର୍ତ୍ତୀ କାଳରେ ନିର୍ମିତ ଏକ ଦୁଆରବନ୍ଧ ସଂଯୋଗ କରାଯାଇଛି। ବୃତ୍ତାକାର ଯୋନି ମଧ୍ୟସ୍ଥ ଶିବଲିଙ୍ଗ ଏହି ମନ୍ଦିରର ଅଳଙ୍କୃତ ଦେବତା। ଏହି ମନ୍ଦିରଟି ପୂର୍ବ ମୁହାଁ ହୋଇଛି। ମନ୍ଦିରଟି ଏକ ପିଢ଼ା ଉପରେ ଠିଆ ହୋଇଛି ଯାହାର ଲମ୍ବ ୧୧.୮୦ ମିଟର, ପ୍ରସ୍ଥ ୫.୭୦ ଥିବାବେଳେ ଏହାର ଉଚ୍ଚତା ୦.୪୩ ମିଟର ରହିଛି। ଏହି ମନ୍ଦିରକୁ ଗଙ୍ଗା-ଯମୁନା ସଂଗଠନର ସଦସ୍ୟମାନେ ବୁଝାବୁଝି କରୁଛନ୍ତି। ଶିବରାତ୍ରି, ସଙ୍କ୍ରାନ୍ତି, ଚନ୍ଦନ ଉତ୍ସବ, କାର୍ତ୍ତିକ ପୂର୍ଣ୍ଣିମୀ ଏବଂ ଜଳ ଅଭିଷେକ ଆଦି ଏଠାରେ ବେଶ୍ ଧୁମ୍‌ଧାମରେ ପାଳନ କରାଯାଇଥାଏ। ଏହା ବ୍ୟତୀତ ବିଭିନ୍ନ ସାଧାରଣ ସଭା ପାଇଁ ଏହି ମନ୍ଦିର ପରିସରକୁ ବ୍ୟବହାର କରାଯାଇଥାଏ।

### ଏବେ କେମିତି ରହିଛି

ଗଙ୍ଗେଶ୍ୱର-ଯମୁନେଶ୍ୱର ମନ୍ଦିର ସମ୍ମୁଖରେ ରହିଛି ଏହି ମନ୍ଦିର। ଆଖପାଖ ଅଞ୍ଚଳବାସୀଙ୍କ ସମେତ ବାହାରୁ ଆସୁଥିବା ପର୍ଯ୍ୟଟକ ମଧ୍ୟ ଏଠାକୁ ପ୍ରତିଦିନ ଆସିଥାନ୍ତି। ପୁରାତନ ଐତିହ୍ୟ ହେଲେ ମଧ୍ୟ ମନ୍ଦିରକୁ ଯିବାରେ କୌଣସି ଦେୟ ଦେବାକୁ ପଡ଼ି ନ ଥାଏ। ଏହି ସବୁ ମନ୍ଦିର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଓ କିଛିଟା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଆସୁଛି। ମନ୍ଦିର ପରିସରରେ ଏକ ପୁରାତନ କୂଅ ରହିଛି। ଦେଖିଲେ ଲାଗୁଛି ଏହା ମନ୍ଦିର ହେବା ଦିନରୁ ରହିଆସିଛି। ଯେଉଁଠାରୁ ପାଣି କଢ଼ାଯାଇ ମନ୍ଦିର କାର୍ଯ୍ୟରେ ଲାଗିଥାଏ। ହେଲେ ସେହି କୂଅଟି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। କୂଅର ଚାରିପଟ କାମଚଳା ପାଚେରି କରାଯାଇଛି। ଏହା ସହିତ ମନ୍ଦିରର ଶୋଭାରାଜି ବଢ଼ାଇବା ଯଥେଷ୍ଟ ଜାଗା ଥିଲେ ବି କୌଣସି ବଗିଚା ମଧ୍ୟ କରାଯାଇ ନାହିଁ। ମନ୍ଦିରର ଐତିହ୍ୟ ସମ୍ପର୍କରେ ଜାଣିବାକୁ ବାହାରେ ଏକ ବୋର୍ଡ ରହିଛି। ଯେଉଁଥିରେ ସୀମିତ ତଥ୍ୟ ରହିଛି। ହେଲେ ବିସ୍ତୃତ ବିବରଣୀ ଉଲ୍ଲେଖ ନ ଥିବାରୁ ଗବେଷକମାନେ ଏକପ୍ରକାର ନିରାଶ ହେଉଛନ୍ତି।





# ଭୁବନେଶ୍ୱର ସିଟି





## ମନ ଜିଣୁଛନ୍ତି ବର୍ଣ୍ଣାଳୀ

# ଜାତୀୟସ୍ତରରେ ଦେଶୁଆ ଭାଷାର ଗୀତ

ସଙ୍ଗୀତ ଭାଷାରେ ନୁହେଁ, ବରଂ ସୁରରେ ବନ୍ଧା । ସ୍ୱର ଯେତେ ମଧୁର ହେବ, ସଙ୍ଗୀତ ସେତେ ଲୋକପ୍ରିୟ ହେବ । ସେହିପରି ସରଳ, ଦେଶୁଆ ଭାଷାର ଗୀତ ହୃଦୟକୁ ଛୁଏଁ । ଏଭଳି ଗୀତ ପାଇଁ ଆଜି ସଭିଁଙ୍କ ମୁହଁରେ ବର୍ଣ୍ଣାଳୀଙ୍କ ପ୍ରଶଂସା । ବର୍ଣ୍ଣାଳୀ ହୋତା । ସେ ଓଡ଼ିଆ ଦେଶୁଆ ଭାଷାର ଗୀତକୁ ଜାତୀୟସ୍ତରରେ ପହଞ୍ଚାଇ ଲୋକପ୍ରିୟ ହୋଇପାରିଛନ୍ତି । ଡିଡି ନ୍ୟାସନାଲ୍‌ରେ ପ୍ରଦର୍ଶିତ 'ଭାରତ କୀ ଅମୃତ କଲସ' ରିୟଲିଟି ସୋ'ରେ ବର୍ଣ୍ଣାଳୀଙ୍କ ଭିନ୍ନ ପରିବେଷଣ ଶୈଳୀ ସାଙ୍ଗକୁ ବେଶଭୂଷା ସଭିଁଙ୍କ ମନ ଜିଣିଛି । ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ ଛିଡୁ ଶୃଙ୍ଖଳ...' ହେଉ ଅବା କୋରାପୁଟିଆ ଢେମସା ନାଚର ଗୀତ, ସବୁଥିରେ ବର୍ଣ୍ଣାଳୀଙ୍କ ପ୍ରଶଂସା । ତାଙ୍କର ଏ ସଫଳତା ପରେ ତାଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି ସମ୍ପୂର୍ଣ୍ଣା ଦାସ ।

**ଆପଣଙ୍କ ପିଲାଦିନ କେମିତି ଥିଲା, କେମିତି ଗୀତମନସ୍କ ହେଲେ?**
ପିଲାଦିନେ ପ୍ରଥମେ ବାବା ମତେ ଛାଡ଼ିଥିଲେ ଓଡ଼ିଶୀ ଭୋକାଲ ଶିଖିବାକୁ । କାରଣ ବାବାଙ୍କ ବିଶ୍ୱାସ ଥିଲା ମୁଁ ଗୀତ ଗାଇପାରିବି । ପିଲାଦିନେ ମୁଁ ସିରିଏଲ ଟ୍ରାକ୍‌କୁ ମନରେ ସବୁବେଳେ ଗୁଣୁଗୁଣୁ ହେଉଥିଲି । ଆମ ଘର ପୁରୁଣା ଭୁବନେଶ୍ୱର କେଦାରଗୌରୀ ମନ୍ଦିର ପାଖରେ । ଘର ପାଖରେ ହିଁ ଶାନ୍ତିଲତା ବାରିକ ଛୋଟରାୟଙ୍କ ଘର । ସେଠାକୁ ଓଡ଼ିଶୀ ଭୋକାଲ ଶିଖିବାକୁ ଯାଉଥିଲି । ପ୍ରଥମ ଷ୍ଟେଜ୍ ଶୋ' ପାଇଁ ବି ସେ ମୋତେ ସୁଯୋଗ ଦେଇଥିଲେ । ପରେ ଗୁରୁ ବସନ୍ତ ପାତ୍ରଙ୍କଠାରୁ କ୍ଲାସିକାଲ୍ ଶିଖିବା ଆରମ୍ଭ କଲି । ରିୟଲିଟି ଶୋ' ଲିଟିଲ୍ ଚ୍ୟାମ୍ପରେ ଭାଗ ନେଇ ଫାଇନାଲ ଯାଏଁ ଗଲି ଏବଂ ସେବେଠାରୁ ହିଁ ଭାବିନେଇଥିଲି ଏହି ଦିଗରେ ଯିବି ।

**ସଙ୍ଗୀତ ପାଇଁ ଭାଷା ବାଧକ କି?**
ସଙ୍ଗୀତ ପାଇଁ ଭାଷା କେବେ ବାଧକ ନୁହେଁ, କାରଣ ସଙ୍ଗୀତ ନିଜେ ହିଁ ଗୋଟେ ଭାଷା । ସଙ୍ଗୀତ ପାଇଁ ସବୁଠୁ ଜରୁରି ହେଲା ଭାବନା । ଯଦି ସ୍ୱର ଓ ତାଳରେ ଦର୍ଶକଙ୍କୁ ଗୀତର ଭାବ ବୁଝାଇ ହେବ, ତେବେ ଭାଷା କେବେ ହେଲେ ବାଧକ ହେବନାହିଁ ବୋଲି ମୁଁ କହିବି ।

**'ଭାରତ କୀ ଅମୃତ କଲସ' ବିଷୟରେ କେମିତି ଜାଣିଲେ ଏବଂ ଓଡ଼ିଶାରେ ଏତେ ଗାୟକ ଗାୟିକା ଥିବା ସତ୍ତ୍ୱେ ଆପଣ କେମିତି ସେଠି ଗୀତ ଗାଇବାକୁ ମନ ବଳାଇଲେ?**
'ଭାରତ କୀ ଅମୃତ କଲସ' ଶୋ' ଯେତେବେଳେ ହୋଇଥିଲା, ରିୟଲିଟି ଶୋ'ରୁ ପ୍ରାୟତଃ ସମସ୍ତଙ୍କ ପାଖକୁ ଫୋନ ଯାଏ । ସେହିପରି ମୋ ପାଖକୁ ମଧ୍ୟ ଫୋନ୍ ଆସିଥିଲା । ସେମାନେ ଡେମୋ ଭିଡିଓ ମାଗିଥିଲେ ଓ ଓଡ଼ିଶାରେ କ'ଣ ଲୋକ ଗୀତ ରହିଛି ତାହାର ଡେମୋ ଭିଡିଓ ମାଗିଥିଲେ । ହେଲେ ଯେତେବେଳେ ସେଥିରେ ଭାଗ ନେବାର କଥା ଆସିଲା, ମୁଁ ଏତେଟା ଆଗ୍ରହୀ ନଥିଲି । ହେଲେ ପରେ ଯେତେବେଳେ ଫୋନ୍ ଆସିଲା ଯେ ଓଡ଼ିଶାରୁ ଫେସ୍ ଅଫ୍ ରାଉଣ୍ଡ ପାଇଁ ଯେଉଁ ଦୁଇ ଜଣଙ୍କୁ ବଛା ହୋଇଥିଲା ସେମାନେ କୌଣସି କାରଣ ଯୋଗୁଁ ମନା କରିଦେଲେ । ଯଦି ମୁଁ ମଧ୍ୟ ମନା କରିଥାନ୍ତି ତେବେ ଓଡ଼ିଶାରୁ ଭାଗ ନେବା ପାଇଁ କେହି ନଥିଲେ । ଅଥଚ ଅନ୍ୟ ରାଜ୍ୟରୁ କେହି ନା କେହି ଅଛନ୍ତି । ତ ସେହି କାରଣ ପାଇଁ ମୁଁ ହଁ କହିଥିଲି ।

**ଭାଇରାଲ୍ ହୋଇଥିବା 'ଉଠ କଙ୍କାଳ, ଛିଡୁ ଶୃଙ୍ଖଳ...' ଗୀତକୁ ନେଇ କ'ଣ କହିବେ?**
ଏଥିପାଇଁ ମୁଁ ପ୍ରଥମରୁ କହିଆସିଛି କି ସବୁ ଜଗନ୍ନାଥଙ୍କ ଇଚ୍ଛା, ତାଙ୍କ ପାଖରେ ସବୁବେଳେ ଋଣୀ ରହିବି । ଏହି ଗୀତର କପି ରାଇଟ୍ ସମସ୍ୟାକୁ ନେଇ ଆମେ ପ୍ରଥମେ ଟିକେ ଦ୍ୱନ୍ଦ୍ୱରେ ଥିଲୁ । ହେଲେ ପରେ ଆମେ ଭାବିଲୁ ଏହି ଗୀତର ଲିରିକ୍ସ ନିଶ୍ଚିତ ପ୍ରତିଟି ଓଡ଼ିଆ ଲୋକଙ୍କ ମନକୁ ଛୁଇଁବ ।

**ନିଜ ଅଞ୍ଚଳର ଗୀତ, ଭାଷା, ସଂସ୍କୃତି ପରମ୍ପରାକୁ ସେତିକି ପ୍ରୋତ୍ସାହନ ଆଉ ସୁବିଧା ମିଳୁଛି ତ, ଆଉ ମିଳିବା ଦରକାର ବୋଲି ଆପଣ ଭାବୁଛନ୍ତି କି?**
ହଁ ନିହାତି ପ୍ରୋତ୍ସାହନ ମିଳିବା ଦରକାର । ମିଳୁନି ବୋଲି ତ କହିବିନି କିନ୍ତୁ ଆମ ଜଗନ୍ନାଥ ପରମ୍ପରାରେ ବହୁତ ଗୀତ ରହିଛି । ଯେପରି ଓଡ଼ିଶୀ ଭୋକାଲ ଗୀତଗୁଡ଼ିକ ବିନା ନୃତ୍ୟ ହୋଇ ହିଁ ପାରିବନି । ତେଣୁ ନୃତ୍ୟ ଯେତେ ଲାଇମଲାଇଟ୍‌ରେ ରହିଛି ଗୀତ ମଧ୍ୟ ହେବା ଦରକାର । ତା' ଉପରେ ଆହୁରି କାମ ହେବା ଦରକାର । ଜଣେ କଳାକାର ଦୃଷ୍ଟିରୁ ମୁଁ ବିଶ୍ୱାସ କରେ କି ମୋ ସମାଜ ପ୍ରତି ମୋର ଦାୟିତ୍ୱ ରହିଛି । ଯଦି ଲୋକଙ୍କ ମନୋରଞ୍ଜନ ହିଁ କରିବାର ଅଛି ତ ସରକାରଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଏବଂ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଦରକାର ମଧ୍ୟ ।

**ସିନେମାରେ ଗୀତ ଗାଇବାର ଇଚ୍ଛା ରଖିଛନ୍ତି କି?**
ହଁ, ଅନ୍ୟ ଗାୟିକାଙ୍କ ପରି ମୋର ମଧ୍ୟ ବହୁତ ଇଚ୍ଛା ଥିଲା । ମୁଁ ଗାଇଛି ମଧ୍ୟ । 'ତୁ ମୋ ସ୍ୱିଟ୍ ସିକ୍ସଟିନ୍' ବୋଲି ଏକ ଚଳଚ୍ଚିତ୍ର ଆସିଥିଲା ସେଥିରେ ଗାଇଥିଲି । ଏହା ଛଡ଼ା ଆଲବମ୍‌ରେ ବି ଗାଇଛି । ମୁଁ ଷ୍ଟେଜ୍‌କୁ ବହୁତ ଭଲ ପାଏ । ଏବେ ଭାବିଛି ଜଣେ ଓଡ଼ିଆ କଳାକାର ହିସାବରେ ଆମ ଲୋକଗୀତକୁ ସବୁଠି ପରିଚିତ କରାଇବି ।

**ଆଗକୁ ଏ ଯାତ୍ରା ନେଇ କ'ଣ ଭାବିଛନ୍ତି ?**
ଏବେ ତ ଅଗଷ୍ଟ ଯାଏଁ ଶୋ' ଚାଲିଛି । ଏହାପରେ ଆମେ ଏମିତି ଭାବୁଛୁ ବା ଯୋଜନା ଚାଲିଛି ଯେ କେବଳ ଫୋକ୍ ସଙ୍ଗ ବା ଫୋକ୍ ଟେଲକୁ ସମସ୍ତଙ୍କ ପାଖରେ ନୂଆ ତରିକାରେ କିପରି ପହଞ୍ଚାଇ ହେବ । ଯେପରି ଆମର ଅଛି କାଞ୍ଚି ଅଭିଯାନ, ଏହାକୁ ଆମେ ଷ୍ଟୋରୀ ଆକାରରେ ବି ଉପସ୍ଥାପନା କରାଇବାର ଯୋଜନା କରୁଛୁ । ସାମାଜିକ ଗଣମାଧ୍ୟମକୁ ପ୍ଲାଟଫର୍ମ ଭାବେ ବାଛିଛୁ । ଫଳରେ ସମସ୍ତେ ଏଥିରେ ଯୋଡ଼ି ହୋଇପାରିବେ ।

**ପ୍ରିୟ ଗାୟକ ବା ଗାୟିକା କିଏ?**
ବଲିଉଡ୍‌ରେ ମୋ ସବୁ ସମୟର ପ୍ରିୟ ଗାୟିକା ହେଲେ ରେଖା ଭରଦ୍ୱାଜ ଓ ଓଡ଼ିଶାରେ ସବୁବେଳେ ଅକ୍ଷୟ ମହାନ୍ତି ।

# ସରିଲା ନିର୍ବାଚନ: ହଟୁନି ପୋଷ୍ଟର, ବ୍ୟାନର୍

ଭୁବନେଶ୍ୱର, ୧୭।୬(ସମିସ)

ରାଜଧାନୀରେ ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷହୋଇଛି । ଏହାର ମାହୋଲ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଥମି ଗଲାଣି । ଫଳାଫଳ ଘୋଷଣା ପରେ ନୂଆ ସରକାର ଗଠନ କାର୍ଯ୍ୟ ଶେଷ ହୋଇଛି । କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଆସି ଫେରିଯିବାକୁ ଏହା ମଧ୍ୟରେ ୭ ଦିନ ବିତିଗଲାଣି । ହେଲେ ରାଜଧାନୀର କାନ୍ଥ ବାଡ଼, ପୋଲ, ପାର୍କ ନିକଟରେ ମାଳମାଳ ସବୁ ରାଜନୈତିକ ଦଳର ଦଳୀୟ ପତାକା, ପୋଷ୍ଟର ବ୍ୟାନର । ଏହା ଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଛି । ପବନ ହେଲେ ଖୁଣ୍ଟରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକ ଏଥିରୁ ବାହାରି ଆସି ରାସ୍ତାରେ ପଡ଼ିବାରୁ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହାକୁ ହଟାଇବାକୁ ବିଏମ୍‌ସିକୁ ଲୋକେ ବାରମ୍ବାର ଅଭିଯୋଗ କରୁଛନ୍ତି । ହେଲେ ବିଏମ୍‌ସି ଏହାକୁ ହଟାଇବାର ନାଁ ଧରୁନାହିଁ । ଅଭିଯୋଗର ପ୍ରମାଣ ସ୍ୱରୂପ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଦେଖି ନିରବ ହୋଇଯାଉଛି । ତେବେ ରାଜନୈତିକ ଦଳ ଗୁଡ଼ିକର ଚାପ ଯୋଗୁଁ ବିଏମ୍‌ସି ଏହାକୁ ହଟାଉ ନଥିବା ଲୋକେ ଚର୍ଚ୍ଚା କରୁଛନ୍ତି ।

ଆଗକୁ ବର୍ଷାଋତୁ ଥିବାରୁ ପବନ ମେଘ ହେଲେ ଏହା ବିପଦ ସୃଷ୍ଟି କରିବ । ବସ୍ତି ଏବଂ ଗଳି ରାସ୍ତାରେ ସୂତା ବନ୍ଧା ଜରି ପତାକା ମାଳ ଝୁଲୁଛି । ରାସ୍ତାରେ ଗଲାବେଳେ ବାଇକ୍ ଚାଳକ କିମ୍ବା ସାଇକଲ୍ ଚାଳକଙ୍କ ଦେହରେ ଏହି ସୂତା ଗୁଡ଼ାଇ ହୋଇଗଲେ ଲୋକେ ଦୁର୍ଘଟଣାର ଶିକାର ହୋଇପାରନ୍ତି । ସେହିପରି ପବନର ବେଗ ସାମାନ୍ୟ ଅଧିକ ହେଲେ ଖୁଣ୍ଟରେ ଟଙ୍ଗା ଯାଇଥିବା ଛୋଟ ବ୍ୟାନର ଗୁଡ଼ିକ ଖୁଣ୍ଟରୁ ଉଡ଼ିଯାଇ ସହରର ମୁଖ୍ୟ ରାସ୍ତା ଉପରେ ପଡୁଛି । ଏଥିରେ ଲଗାଯାଇଥିବା ଲୁହା ଏବଂ ଟିଣର ସ୍କୋୟାର ବାର୍ ରାସ୍ତାରେ ପଡ଼ି ରହିଥିବା ଦେଖାଯାଉଛି । ଯାତ୍ରୀ ଏହି ଟିଣ କିମ୍ବା ଲୁହା ସଂସ୍ପର୍ଶରେ ଆସିବା ମାତ୍ରେ ଦୁର୍ଘଟଣାର ଶିକାର ହେଉଛନ୍ତି । କ୍ଷତାକ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବାର ସମ୍ଭାବନା ରହିଛି । ସେପଟେ ରାଜନୈତିକ ପୋଷ୍ଟର ହଟା ନ ଯିବାରୁ, ଏହାକୁ ଢାଲ କରି ବେଆଇନ୍ ବିଜ୍ଞାପନ ମାଫିଆ ସହରରେ ଆକ୍ଟିଭ୍ ହେଲେଣି । ଗଛ, ଖୁଣ୍ଟ, କାନ୍ଥବାଡରେ ବେଆଇନ୍ ବିଜ୍ଞାପନ ମାରି ଚାଲିଛନ୍ତି । ଏଭଳି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦିଆଯାଉ ବୋଲି ଲୋକେ ବିଏମ୍‌ସିକୁ ଅନୁରୋଧ କରୁଛନ୍ତି ।

**ପବନ ହେଲେ ଯାତ୍ରୀଙ୍କ ପାଇଁ ବିପଦ**

**ପୋଷ୍ଟର ନ ହଟିବାରୁ ବିଜ୍ଞାପନ ମାଫିଆ ସକ୍ରିୟ**

**ଚାପରେ ବିଏମ୍‌ସି, ନେଉନି କାର୍ଯ୍ୟାନୁଷ୍ଠାନ**

ସୂଚନାଯୋଗ୍ୟ, ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ନ ହେବ, ବେଆଇନ୍ ପୋଷ୍ଟର, ବ୍ୟାନର ଏବଂ ବିଜ୍ଞାପନ ଉପରେ ଯେପରି ରୋକ ଲଗିବ ସେଥିପାଇଁ ବିଏମ୍‌ସି ପକ୍ଷରୁ ଟିପିଡବ୍ଲୁ ନିୟମ ଲାଗୁ କରାଯାଇଥିଲା । ଏହି ନିୟମ ଅନୁଯାୟୀ, ଟ୍ରି, ପୋଲ ଏବଂ ୱାଲ୍‌ରେ କେହି ପୋଷ୍ଟର ବ୍ୟାନର ଲଗାଇବେ ନାହିଁ । କିମ୍ବା କାନ୍ଥରେ କେହି କିଛି ଲେଖିବେ ନାହିଁ । ନିର୍ବାଚନ ୪ ମାସ ପୂର୍ବରୁ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଥିଲା । ଯିଏ ଟିପିଡବ୍ଲୁ ନିୟମ ଉଲଘଂନ କରୁଥିଲା କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲା । ଉଲଘଂନକାରୀଙ୍କ ବିରୋଧରେ ବିଏମ୍‌ସି ଥାନାରେ ଏତଲା ଦେଉଥିଲା । ବିଭିନ୍ନ ଅନୁଷ୍ଠାନ ବେଆଇନ୍ ବିଜ୍ଞାପନ ଲଗାଇ ୫୦ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଜରିମାନା ଗଣିଥିଲେ । ହେଲେ ନିର୍ବାଚନ ଆସିବା ମାତ୍ରେ ପ୍ରାୟ ସମସ୍ତ ରାଜନୈତିକ ଦଳ ଏହି ନିୟମକୁ ଉଲ୍ଲଘଂନ କରିବାକୁ ଏକ ପ୍ରକାର ରେସ୍ ଲଗାଇଲେ । ସବୁଆଡ଼େ ଖାଲି ପୋଷ୍ଟର ବ୍ୟାନରରେ ସହର ଛାଉଣି ହୋଇଗଲା । ଏଣୁ ବିଏମ୍‌ସି ଏଭଳି ନିୟମ ଅଛି ବୋଲି ଭୁଲିଗଲା । ବୋଧ ହୁଏ ବିଏମ୍‌ସି ରାଜନୈତିକ ଦଳ ଗୁଡ଼ିକର ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ଉଚିତ୍ ମନେ କଲା । ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ଯୋଗୁଁ କିଛି ସ୍ଥାନରେ ବେଆଇନ୍ ପୋଷ୍ଟର ହଟାଯିବା ସହ ପରଦା ଢଙ୍କାଯାଇଥିଲା । ହେଲେ ଏବେ ନିର୍ବାଚନ ଶେଷ ହୋଇଥିଲେ ମଧ କ'ଣ ପାଇଁ ବିଏମ୍‌ସି ବେଆଇନ୍ ଭାବେ ଲାଗିଥିବା ଦଳୀୟ ପୋଷ୍ଟରକୁ ସହରରୁ ହଟାଉ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।



ଇଦ୍-ଉଲ୍-ଜୁହା ଅବସରରେ ଭୁବନେଶ୍ୱର ୟୁନିଟ-୪ ମସ୍‌ଜିଦ୍‌ରେ ଶୁଭେଚ୍ଛା ଆଦାନପ୍ରଦାନ

# ଖୋର୍ଦ୍ଧା ଜିଲ୍ଲାରେ ଆଜି ଖୋଲିବ ସ୍କୁଲ୍

ଭୁବନେଶ୍ୱର, ୧୭।୬(ସମିସ): ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତାକାଲି ବା ମଙ୍ଗଳବାର ଠାରୁ ଖୋଲିବ ସ୍କୁଲ୍ । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସକାଳ ସାଢ଼େ ୬ ଟାରୁ ସାଢ଼େ ୧୦ ଟା ପର୍ଯ୍ୟନ୍ତ ପାଠପଢ଼ା ହେବ । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ । ସ୍କୁଲ୍ ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଏହି ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବ ନିର୍ଦ୍ଦେଶ ଅନୁଯାୟୀ, ଆଜି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣ ଶିକ୍ଷକ କର୍ମଚାରୀ, ପାଚିକା ଓ ସହାୟିକା କାର୍ଯ୍ୟରେ ଯୋଗଦେଇଛନ୍ତି । ସ୍କୁଲ୍ ଖୋଲିବା ପୂର୍ବରୁ ପିଲାଙ୍କ ମଧ୍ୟାହ୍ନ ଭୋଜନକୁ ବ୍ୟବସ୍ଥିତ କରିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଛି ।

**ସକାଳ ସାଢ଼େ ୬ରୁ ସାଢ଼େ ୧୦ ଯାଏଁ ପାଠପଢ଼ା**

## ଓଡ଼ିଶା ଗଣମାଧ୍ୟମ ପରିବାର ପକ୍ଷରୁ ରାମୋଜୀ ରାଓଙ୍କ ସ୍ମୃତି ଚାରଣ ଆଜି

ଭୁବନେଶ୍ୱର, ୧୭।୬(ସମିସ): ଭାରତୀୟ ଗଣମାଧ୍ୟମ ଏବଂ ମନୋରଞ୍ଜନ ଦୁନିଆର ବାଦ୍‌ଶାହ ରାମୋଜୀ ରାଓଙ୍କ ସ୍ମୃତିଚାରଣ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଏକ ବିଶେଷ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଜୟଦେବ ଭବନଠାରେ ସନ୍ଧ୍ୟା ୬ଟା ୩୦ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଇଟିଭି ଓଡିଆ ସାଟେଲାଇଟ୍ ଚ୍ୟାନେଲର ପୂର୍ବତନ ସହଯୋଗୀ, ରାମୋଜୀ ଗ୍ରୁପର କର୍ମଚାରୀ ଏବଂ ଓଡ଼ିଶାର ଗଣମାଧ୍ୟମ ଓ ମନୋରଞ୍ଜନ ଜଗତର ବ୍ୟକ୍ତିବିଶେଷ ସାମିଲ ହୋଇ ଏହି ଗଣମାଧ୍ୟମର ମହାନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ପ୍ରିଣ୍ଟ, ଟେଲିଭିଜନ, ସିନେମା, ପର୍ଯ୍ୟଟନ ଏବଂ ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗ ପ୍ରତିଷ୍ଠା କରି ରାମୋଜୀ ରାଓ ଏକ ବିଶାଳ ଅନୁଷ୍ଠାନ ଠିଆ କରିଥିଲେ । ବିଶେଷକରି, ଗତ ୫ ଦଶନ୍ଧି ଧରି ବିଭିନ୍ନ ମାଧ୍ୟମରେ ସାମ୍ବାଦିକତାର ପ୍ରସାର କ୍ଷେତ୍ରରେ ସେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ବିଭିନ୍ନ ଆଞ୍ଚଳିକ ଭାଷାରେ, ଟେଲିଭିଜନ ଚ୍ୟାନେଲ ଆରମ୍ଭକରି ରାମୋଜୀ, ଇଟିଭିକୁ ଦେଶର ସବୁଠାରୁ ବଡ଼ ନେଟୱର୍କ ଭାବେ ପ୍ରତିଷ୍ଠା କରିପାରିଥିଲେ । ଗତ ଜୁନ୍ ୮ ତାରିଖରେ ପଦ୍ମ ବିଭୂଷଣ ରାମୋଜୀ ରାଓଙ୍କ ମହାପ୍ରୟାଣ ଘଟିଥିଲା । ଭାରତୀୟ ଗଣମାଧ୍ୟମ ଜଗତକୁ ତାଙ୍କ ଅବଦାନ ମନେ ପକାଇ ଏହି ସ୍ମୃତି କାର୍ଯ୍ୟକ୍ରମରେ ଏକ ଭିଡିଓ ଉପସ୍ଥାପନ କରାଯିବ । ଏଥିରେ ଇଟିଭି ଓଡ଼ିଆ ପରିବାରର ପୂର୍ବତନ ସହଯୋଗୀଙ୍କ ସହ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମ ଏବଂ କଳା ସଂସ୍କୃତି କ୍ଷେତ୍ରର ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ବୋଲି କାର୍ଯ୍ୟକ୍ରମର ଆବାହକ ବରିଷ୍ଠ ସାମ୍ବାଦିକ ନୀଳାମ୍ବର ରଥ ସୂଚନା ଦେଇଛନ୍ତି ।

## ଗୋପବନ୍ଧୁ ଦାସଙ୍କୁ ଭାରତ ରତ୍ନ ପୁରସ୍କାର ପାଇଁ ଦାବି



ଭୁବନେଶ୍ୱର, ୧୭।୬(ସମିସ): ଓଡିଏମ୍ ଶିକ୍ଷା ସମୂହର କର୍ମଚାରୀ ସଞ୍ଜୟ କୁମାର ପରିଡ଼ା ଦିଲ୍ଲୀ ପର୍ଯ୍ୟନ୍ତ ସାଇକଲ୍ ଯାତ୍ରା ଆରମ୍ଭ କରିଛନ୍ତି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ଥିବା ଉତ୍କଳମଣୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି । ଓଡ଼ିଶାର ଅନ୍ୟତମ ବରପୁତ୍ର ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଅନୁରୋଧ କରିବେ ବୋଲି ସେ କହିଛନ୍ତି । ଓଡିଏମ୍‌ର ଅଧ୍ୟକ୍ଷ ଡ଼ ସତ୍ୟବ୍ରତ ମୀନକେତନ, ବିତ୍ତ ଓ ପ୍ରଶାସନ ନିର୍ଦ୍ଦେଶିକା ସ୍ୱୟନ୍ ସତ୍ୟେନ୍ଦୁ ଏହି ଅବସରରେ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଛନ୍ତି । ଉପସ୍ଥିତ ଅତିଥିମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ । ଏହାସହ ସଞ୍ଜୟଙ୍କ ନିରାପଦ ଏବଂ ସଫଳ ସାଇକଲ ଯାତ୍ରା ପାଇଁ ଶୁଭେଚ୍ଛା ଦେଇଥିଲେ ଓଡିଏମ୍‌ର ଅଧ୍ୟକ୍ଷ ଡ଼ ମୀନକେତନ ।

## ବିଜେଡି ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର, ୧୭।୬(ସମିସ): ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୬ ତମ ଶ୍ରାଦ୍ଧ ଦିବସ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଗୋପବନ୍ଧୁ ଛକସ୍ଥିତ ମହାପୁରୁଷଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ପାଠ କରିଥିଲେ । ଗୋପବନ୍ଧୁ ଏ ଜାତି ଗୌରବର ମୂଳଦୁଆ ବୋଲି ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଡକ୍ଟର ମିହିର ପଟ୍ଟନାୟକ, ଦେବଯାନୀ ଦାସ, ବୈକୁଣ୍ଠ ଭୋଇ, ନିରଞ୍ଜନ ରାଉତ, ସାମ୍ମୁଖ୍ୟର ଭୁବନେଶ୍ୱର ପ୍ରତିନିଧି ଅକ୍ଷୟ ଜେଠୀ, ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।



**ମିଶନ ଶକ୍ତି ଘରେ ଚାଲିଛି ପ୍ରାକ୍ ବିଦ୍ୟାଳୟ ଶିକ୍ଷା**

# ୭ ବର୍ଷ ହେଲା ସରୁନି ଅଙ୍ଗନବାଡ଼ି ଘର

ଭୁବନେଶ୍ୱର, ୧୭।୬ (ସମିସ)

ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ । ଶିଶୁମାନେ ଶିକ୍ଷିତ ହେଲେ ଦେଶର ପ୍ରଗତି ସମ୍ଭବ । ଶିଶୁମାନଙ୍କ ଶାରୀରିକ ବିକାଶ ଓ ଖେଳକୁଦ ମାଧ୍ୟମରେ ସେମାନଙ୍କୁ ଶିକ୍ଷା ପ୍ରଦାନ ପାଇଁ ଗାଁ ଗୁଡ଼ିକରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଅଙ୍ଗନବାଡ଼ି ଗୃହ ନିର୍ମାଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥା ଲାଗି ସରକାର ଅର୍ଥ ବ୍ୟୟ କରୁଛନ୍ତି । ହେଲେ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା କାରଣରୁ ରାଜଧାନୀ ଉପକଣ୍ଠ ମେଣ୍ଢାଶାଳ ପଞ୍ଚାୟତର ଗିରିଙ୍ଗାପୁଟ ଗ୍ରାମରେ ବିପର୍ଯ୍ୟସ୍ତ ଅଙ୍ଗନବାଡ଼ି ବ୍ୟବସ୍ଥା ଦେଖିବାକୁ ମିଳୁଛି । ଗିରିଙ୍ଗାପୁଟ୍ ୧ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ୭ ବର୍ଷ ହେବ ସରୁ ନ ଥିବାବେଳେ ୧୪ ମାସ ଛାତ ପଡ଼ି ପାରୁନାହିଁ । ସୂଚନା ଅନୁସାରେ, ୨୫ ରୁ ଅଧିକ ପିଲାଙ୍କୁ ନେଇ ପରିଚାଳିତ ଗିରିଙ୍ଗାପୁଟ-୧ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ । ୨୦୧୭ ମସିହାରୁ ନୂଆ ଘର ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରି ପାରିନାହିଁ । ନିଜ ଘର ନ ଥିବାରୁ ଏକ ସ୍କୁଲ୍ ଘରେ ଦୀର୍ଘବର୍ଷ ହେବ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଥିଲା । ପରବର୍ତ୍ତୀ ସମୟରେ ସ୍କୁଲ ଘରକୁ ସରକାରୀସ୍ତରରେ ଅସୁରକ୍ଷିତ (ପରିତ୍ୟକ୍ତ) ଘୋଷଣା କରାଯାଇଥିଲା । ପରିତ୍ୟକ୍ତ ଘୋଷଣା ହେବାପରେ ମଧ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ କିଛି ଦିନ ପର୍ଯ୍ୟନ୍ତ ସେହି ଘରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଦିଆଯାଉଥିଲା । ପ୍ରାୟ ଅଢ଼େଇ ବର୍ଷ ଅର୍ଥାତ ୨୦୨୨ ମସିହା ଜାନୁଆରୀ ବେଳକୁ ସ୍ଥାନୀୟ ମିଶନ ଶକ୍ତି ଘରକୁ ଅଙ୍ଗନବାଡ଼ି କେନ୍ଦ୍ର ଭାବେ ବ୍ୟବହାର କରାଗଲା । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସରିପାରିଲା ନାହିଁ । ପ୍ରାରମ୍ଭରୁ କାମ ଆରମ୍ଭ କରିଥିବା ଠିକାଦାର ମଧ୍ୟ ଅଧାରୁ କାମ ଛାଡ଼ି ଚାଲିଗଲେ । ପରେ ଅନ୍ୟ ଜଣଙ୍କୁ କାମ ଦିଆ ଯାଇଥିଲା । ଦ୍ୱିତୀୟ ଠିକାଦାର କାମ ପାଇବା ପରେ ପଡନ ଲେଭ୍‌ଲ ଠାରୁ କାମ ଆରମ୍ଭ କରି କାନ୍ଥ ଛିଡ଼ାକରି ଦେଇଥିଲେ । ହେଲେ ବିଲ୍ ବାବଦରେ ସମସ୍ୟା ହେବାରୁ ପୁଣି କାମ ଠପ୍ ହୋଇ ପଡ଼ିରହିଛି । ପ୍ରାୟ ୧୪ ମାସ ପୂର୍ବରୁ କାନ୍ଥ ଉଠିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଛାତ ପଡ଼ି ପାରିନାହିଁ । ସେପଟେ ଅଙ୍ଗନବାଡ଼ି କେନ୍ଦ୍ର ପରିଚାଳନା ପାଇଁ ମିଶନ ଶକ୍ତି ଘର ଦିଆଯାଇଥିଲେ ମଧ୍ୟ ସେଠାରେ ବିଦ୍ୟୁତ ସଂଯୋଗ ନାହିଁ । ବିନା ବିଦ୍ୟୁତରେ ଶିଶୁମାନେ କିଭଳି ପାଠ ପଢ଼ିବେ ତାହା ଚିନ୍ତାର ବିଷୟ ହୋଇପଡ଼ିଛି । ଶିଶୁମାନଙ୍କ ପୃଷ୍ଟି ସାଧନ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ଯତ୍ନ ଭଳି କାର୍ଯ୍ୟରେ ଗୁରୁ ଦାୟିତ୍ୱ ତୁଲାଇଥିବା ଅଙ୍ଗନବାଡ଼ି କେନ୍ଦ୍ର ପ୍ରତି ପ୍ରସାଶନିକ ଅଧିକାରୀଙ୍କ ଅବହେଳାକୁ ପଦାରେ ପକାଇଛି ।



**୧୪ ମାସ ହେଲା ପଡ଼ିପାରୁନି ଛାତ**

# ଶ୍ରୀକ୍ଷେତ୍ର ସିଟି

୧୭/୬/୨୦୨୪ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୮,୦୦୩/- ସୁନା: ୧୫.୨୫୦ ଗ୍ରାମ୍ ରୁପା: ୫୯.୪୦୦ ଗ୍ରାମ୍





## ଚାରି କଳାକାରଙ୍କୁ 'ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ'

ଭୁବନେଶ୍ୱର, ୧୭।୬(ସମିସ): ଗାନ୍ଧର୍ବ କଳା ପରିଷଦ ଭୁବନେଶ୍ୱର ପକ୍ଷରୁ ୫୦ତମ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ-୨୦୨୪' ରବୀନ୍ଦ୍ରମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ବାସନ୍ତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବକୁ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଙ୍ଗୀତଜ୍ଞ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଥାକାର ତଥା ଔପନ୍ୟାସିକ ଡ. ବିଭୂତି ପଟ୍ଟନାୟକଙ୍କୁ ଶବ୍ଦକଳା ସାଧନା ପାଇଁ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ କଣ୍ଠ ସଙ୍ଗୀତଜ୍ଞ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ ରାଗକଳା ସାଧନା ପାଇଁ ଏବଂ ଓଡ଼ିଶୀ ପଟ୍ଟଚିତ୍ର ଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣାଙ୍କୁ ଦୃଶ୍ୟକଳା ସାଧନା ପାଇଁ ଏବଂ ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନନ୍ଦଙ୍କୁ ସିନେକଳା ସାଧନା ପାଇଁ ସମ୍ମାନିତ କରାଯାଇଥିଲା। ଗାନ୍ଧର୍ବ କଳା ପରିଷଦର ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ 'କୃଷ୍ଣାଷ୍ଟକ' ପରିବେଷଣ କରାଯାଇଥିଲା।




ନୃତ୍ୟ ଶିଳ୍ପୀ ଝେଲମ୍ ପରାଞ୍ଜପେ ସ୍ୱର୍ଗତ ଡ. ଦିବାକର ମିଶ୍ରଙ୍କ ରଚିତ ଜନ୍ମ ଭୂମି ବନ୍ଦନାର ନୃତ୍ୟ ରୂପ 'ଦ୍ରୌପଦୀ' ପରିବେଷଣ କରିଥିଲେ। ପ୍ରତିଷ୍ଠାନର ସଭାପତି ଡ. ସଙ୍ଗୀତା ଗୋସାଇଁ ଓ ସାଧାରଣ ସଚିବ ଡ. ଗାୟତ୍ରୀ ମିଶ୍ର ଉପସ୍ଥିତ ଥିବା ବେଳେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

### ଆସୁଛି ସ୍ନାନଯାତ୍ରା, ରଥଯାତ୍ରା

## ସେବାୟତଙ୍କ ସହ ଆଲୋଚନା କଲେ ଏସ୍‌ପି

ପୁରୀ, ୧୭।୬(ସମିସ)

ପାଖେଇ ଆସିଲା ଦେବସ୍ନାନ ପୂର୍ଣ୍ଣିମା। ଆସନ୍ତା ୨୨ ତାରିଖରେ ସ୍ନାନଯାତ୍ରା। ପରେ ପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ। ତେବେ ମହାପ୍ରଭୁଙ୍କ ଏହିସବୁ ଯାନିଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ସେବାୟତଙ୍କ ସହ ଆଲୋଚନା କରିଛନ୍ତି ଏସ୍‌ପି।

ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ସ୍ନାନପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସବୁ କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିଲାଗି ସେବାୟତଙ୍କଠାରୁ ମତାମତ ଲୋଡ଼ିଥିଲେ ଏସ୍‌ପି। ବିଗତ ବର୍ଷମାନଙ୍କରେ କେଉଁଠାରେ ତ୍ରୁଟି ରହୁଛି ଏବଂ ତାହାର ସମାଧାନ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା। ସେବାୟତମାନେ ବି ପୁଲିସ ପାଖରୁ ଯେଉଁଭଳି ସହଯୋଗ ପାଇବା କଥା ସେ ବିଷୟରେ କହିଥିଲେ। ଅନେକ ସମୟରେ ବାହାରୁ ଆସୁଥିବା ପୁଲିସ ଅଧିକାରୀଙ୍କ ସହ ସେବାୟତଙ୍କର ଯାତାୟାତକୁ ନେଇ ବିବାଦ ଉପୁଜିଥାଏ। ଏଥର ଯେମିତି ତାହା ନ ଘଟିବ ତା' ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକ ଶେଷରେ ଏସ୍‌ପି କହିଥିଲେ ଯେ, ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଠାକୁରଙ୍କ ନୀତିକାନ୍ତି ଯେପରି ଶୃଙ୍ଖଳିତ ରହିବ ଏବଂ ଭକ୍ତମାନେ ଭଲ ଭାବେ ଦର୍ଶନ ପାଇବେ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେବାୟତମାନେ ମଧ୍ୟ କେତେକ ପ୍ରସ୍ତାବ ଦେଇଥିଲେ। କ'ଣ କଲେ ଭଲ ହୋଇପାରିବ ତା' ଉପରେ ମଧ୍ୟ କହିଥିଲେ। ଏଥର ସେମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୁଲିସ ଏବଂ ସେବାୟତଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହେବ ବୋଲି କହିଛନ୍ତି ଏସ୍‌ପି।






ସୋମବାର ଶ୍ରୀମନ୍ଦିରରେ ପ୍ରବଳ ଭିଡ଼; ବାହାରେ ଅପେକ୍ଷାରତ ଶ୍ରଦ୍ଧାଳୁ

## ୨୫ ହଜାର ସ୍ଥାନରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ

ଭୁବନେଶ୍ୱର, ୧୭।୬(ସମିସ): ଭାରତ ସମେତ ବିଶ୍ୱର ୨୫ ହଜାର ସ୍ଥାନରେ ୧୧ଶ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ୩୦ଟି ଜିଲ୍ଲା ସଦର ମହକୁମା ସମେତ ୩୫ଟି ସହର ତଥା ପ୍ରତ୍ୟେକ ବ୍ଲକ ଏବଂ ୬୫୦୦ ପଞ୍ଚାୟତରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ହୋଇଛି। ଆର୍ଟ ଅଫ୍ ଗିଭିଂ (ଦେବାର କଳା) ହେଉଛି ଏକ ନିରନ୍ତର ଅଭ୍ୟାସ, ଯେଉଁଥିରେ ନିଃସ୍ୱାର୍ଥପରତା, କୃତଜ୍ଞତା, ପ୍ରଶଂସା, ଦୟା, ସମବେଦନା, ଖୁସି, ବନ୍ଧୁତ୍ୱ ଓ ବିନମ୍ରତା ଭାବ ଭରି ରହିଥାଏ। ଅନ୍ୟମାନଙ୍କ ସହ ଆଦାନପ୍ରଦାନରେ ଜଣେ ଜୀବନର ସବୁଠୁ ବଡ଼ ଆନନ୍ଦ ଲାଭ କରିଥାଏ। ଏବେ ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଗିଭିଂର ୨ କୋଟିରୁ ଊର୍ଦ୍ଧ୍ୱ ଅନୁଗାମୀ ଓ ୧ କୋଟି ସଦସ୍ୟ ଏହାର ବାର୍ତ୍ତା ବର୍ଷ ତମାମ୍ ପ୍ରଚାର ଓ ପ୍ରସାର କରୁଛନ୍ତି। ବିଶ୍ୱର ୨୦୦ଟି ଦେଶରେ ଏହାର ସଂଯୋଜକ ରହିଥିବା ବେଳେ ଭାରତର ସମସ୍ତ ରାଜ୍ୟ ଓ ଓଡ଼ିଶାର ସମସ୍ତ ବ୍ଲକ ଓ ପଞ୍ଚାୟତରେ ସଂଯୋଜକ ଅଛନ୍ତି। ପାଇବାର କୌଣସି ଆଶା ନ ରଖି ଅନ୍ୟକୁ ବିଭିନ୍ନ ଭାବରେ ଦାନ କରିବାର ଦର୍ଶନ ଉପରେ ଏହା ପର୍ଯ୍ୟବସିତ। ଏଥିପାଇଁ ସମାଜର ବିଭିନ୍ନ ବର୍ଗର କୋଟି କୋଟି ଲୋକ ଏଥିରେ ଅନୁପ୍ରାଣିତ ହୋଇ 'ଆର୍ଟ ଅଫ୍ ଗିଭିଂ' ଅଭିଯାନରେ ସାମିଲ ହୋଇଛନ୍ତି। ଜଣେ ବ୍ୟକ୍ତିର କାର୍ଯ୍ୟ କିପରି ଏକ ସୁନ୍ଦର ବିଶ୍ୱ ସୃଷ୍ଟି ପାଇଁ ପ୍ରଭାବ ପକାଇଥାଏ, ତାହାର ଜ୍ୱଳନ୍ତ ଉଦାହରଣ ହେଉଛି 'ଆର୍ଟ ଅଫ୍ ଗିଭିଂ' ବୋଲି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ ବାଣ୍ଟିବା ପାଇଁ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏହି ସ୍ୱତନ୍ତ୍ର ଓ ଅଭିନବ ପ୍ରୟାସ ୨୦୧୩ ମସିହାରେ ଆରମ୍ଭ କରିଥିଲେ। ପ୍ରତିବର୍ଷ ମେ ୧୭ ତାରିଖରେ ଏହି ଦିବସ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଭାବେ ପାଳନ ହେଉଛି।

## ପୁଣ୍ୟତିଥିରେ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୭।୬(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ସୋମବାର ପ୍ରତ୍ୟୁଷରେ ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିବାବେଳେ ଡ. ମିହିର ପଟ୍ଟନାୟକ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଗୋପବନ୍ଧୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗଦାନ ପୂର୍ବକ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ବହୁବାର କାରାବରଣ କରିଥିଲେ। ଗଡ଼ଜାତ ଆନ୍ଦୋଳନକୁ ମଧ୍ୟ ସେ ସମର୍ଥନ କରୁଥିଲେ। ତାଙ୍କର ନୀତି, ଆଦର୍ଶ ପ୍ରତି ଓଡ଼ିଆ ବିଦ୍ୟାର୍ଥୀ ଓ ଯୁବ ସମାଜକୁ ଅନୁପ୍ରାଣିତ କରିଆସିଛି ବୋଲି ମତ ଦେଇ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସଞ୍ଜୟ କୁମାର ପରିଡ଼ା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମରଣୋତ୍ତର ଭାବରେ ଭାରତ ରତ୍ନ ଉପାଧି ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇବା ପାଇଁ ପ୍ରତିମୂର୍ତ୍ତି ସ୍ଥଳରୁ ସାଇକେଲ୍ ଯୋଗେ ଦିଲ୍ଲୀ ଯାତ୍ରା ଆରମ୍ଭ କରିଛନ୍ତି।

## ୧୯ରେ ଓଡ଼ିଶା ଯାତ୍ରା ସମ୍ମାନ

### ମନୋଜ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର, ୧୭।୬(ସମିସ): ହୀରଲାଲ ଫାଉଣ୍ଡେସନ୍ ପକ୍ଷରୁ ନବମ ଓଡ଼ିଶା ଯାତ୍ରା ସମ୍ମାନ ଆସନ୍ତା ୧୯ ତାରିଖରେ ପ୍ରଦାନ କରାଯିବ। ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଯାତ୍ରା କଳାକାରଙ୍କ ସମେତ ଯାତ୍ରା ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଜୀବନବ୍ୟାପୀ ସାଧନା ନିମନ୍ତେ ମନୋଜ ପଟ୍ଟନାୟକ, ନାଟ୍ୟକାର ଅଜୟ କୁମାର ସ, ନାଟ୍ୟ ନିର୍ଦ୍ଦେଶକ ତାପସ ସ୍ୱାଇଁ, ନୃତ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ ଲେଙ୍କା, ପ୍ରଯୋଜକ ସତ୍ୟ ଜେନା (ରଙ୍ଗମହଲ), ଯାତ୍ରା ପାର୍ଟି ପରିଚାଳକ ପ୍ରତାପ ଦାସ (ପାର୍ବତୀ ଗଣନାଟ୍ୟ), ବରିଷ୍ଠ କଳାକର ରମାକାନ୍ତ ଦାସ (ସ୍ୱର୍ଣ୍ଣ ମହଲ), ମୁଖ୍ୟ ଅଭିନେତା ଅଭିନେତା ସୁବାସ ବେହେରା (ସ୍ୱର୍ଣ୍ଣ ମହଲ), ମୁଖ୍ୟ ଅଭିନେତ୍ରୀ ପ୍ରଭାସିନୀ ପାଣିଗ୍ରାହୀ (ମାମା), (ତୁଳସୀ ଗଣନାଟ୍ୟ), ପାର୍ଶ୍ୱ ଅଭିନେତା ଚନ୍ଦନ ସାହୁ (ସୂର୍ଯ୍ୟମନ୍ଦିର), ପାର୍ଶ୍ୱ ଅଭିନେତ୍ରୀ ଦୀପିକା ନାୟକ (ଦୁର୍ଗାମନ୍ଦିର)ଙ୍କୁ ପ୍ରଦାନ କରାଯିବ। ସେହିଭଳି ଓମ୍ କୁମାର (କୋଣାର୍କ ଗଣନାଟ୍ୟ)ଓ ତମସା ମିଶ୍ର (ସାଇ ସମ୍ରାଟ)ଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯିବା ସହ ଶ୍ରେଷ୍ଠ ଖଳ ଅଭିନେତା ଭାବେ ନିଶିକାନ୍ତ ଜେନା (ଟାହିଆ) ( ସୂର୍ଯ୍ୟମନ୍ଦିର), ଶ୍ରେଷ୍ଠ ଖଳ ଅଭିନେତ୍ରୀ ଭାବେ ବି. ମଧୁସ୍ମିତା (ଓଡ଼ିଶା ସମ୍ରାଟ), ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ ଅଭୟ ସାମଲ (ତୁଳସୀ ଗଣନାଟ୍ୟ), ଶ୍ରେଷ୍ଠ ଖଳ ଅଭିନେତ୍ରୀ ଭାବେ କବିତା ଲେଙ୍କା (ଶିବାନୀ ଗଣନାଟ୍ୟ), ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ପ୍ରତାପ କୁମାର ମହାନ୍ତି (ସୂର୍ଯ୍ୟମନ୍ଦିର), ଶ୍ରେଷ୍ଠ ହାସ୍ୟ ଅଭିନେତ୍ରୀ ଭାବେ ସୌଭାଗିନୀ ପଣ୍ଡା (ଟୁକୁ) ( ସାଇ ସମ୍ରାଟ), ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ଦିନେଶ କୁମାର ( ଓଡ଼ିଶା ସମ୍ରାଟ), ଓ ବିଷ୍ଣୁପ୍ରିୟା ବେହେରା (ଶିବାନୀ ଗଣନାଟ୍ୟ)ଙ୍କୁ ସମ୍ମାନୀତ କରାଯିବ। ସେହିଭଳି ଶ୍ରେଷ୍ଠ ମଞ୍ଚ ଉପସ୍ଥାପକ ଭାବେ ସୁବାସ ଜେନା (ବାଣେଶ୍ୱରୀ ଗଣନାଟ୍ୟ), ଶ୍ରେଷ୍ଠ ଉପସ୍ଥାପିକା ଭାବେ ଶୁଭଶ୍ରୀ ପରିଡ଼ା (ପାର୍ବତୀ), ଶ୍ରେଷ୍ଠ ବାଦ୍ୟଯନ୍ତ୍ର ଶିଳ୍ପୀ ଭାବେ ସଚିନ୍ଦ୍ର ପୋଥାଳ (ତବଲା ବାଦକ), ଶ୍ରେଷ୍ଠ ସାଉଣ୍ଡ ଅପରେଟର ଭାବ ନବଜ୍ୟୋତି ଦାସ (ସୂର୍ଯ୍ୟମନ୍ଦିର), ଶ୍ରେଷ୍ଠ ଲାଇଟ୍ ଅପରେଟର ଭାବେ ବିକ୍ରମ ସୁତାର (ଦୁର୍ଗାମନ୍ଦିର), ଶ୍ରେଷ୍ଠ ନୃତ୍ୟଶିଳ୍ପୀ ଭାବେ ରଂଜନ କୁମାର ସେଠୀ (କୋଣାର୍କ ଗଣନାଟ୍ୟ), ଶ୍ରେଷ୍ଠ ନୃତ୍ୟଶିଳ୍ପୀ ଭାବେ ରଶ୍ମିତା ନାୟକ (ସ୍ୱପ୍ନ ମହଲ), ପୋଷାକ ପାଇଁ ବିଷ୍ଣୁପଦ ସ୍ୱାଇଁ (ସ୍ୱର୍ଣ୍ଣମହଲ) ଏବଂ ଶ୍ରେଷ୍ଠ ଯାତ୍ରାପ୍ରେମୀ ଭାବେ ହୃଦାନନ୍ଦ ମାଣିଆ (ନନ୍ଦବାବୁ)ଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।




ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ପ୍ରସନାକ୍ଷୀ ନୃତ୍ୟ ଅନୁଷ୍ଠାନ ଦ୍ୱାରା ପଞ୍ଚମ ବେଦ ଉତ୍ସବରେ ଭୁବନେଶ୍ୱରର ନୃତ୍ୟନିପୁଣାର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବା ଅବସରରେ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଆସୁଛି ଅଣସର

## ଚାଲିଛି ମହାପ୍ରଭୁଙ୍କ ପଟି ଦିଅଁ ପ୍ରସ୍ତୁତି

ପୁରୀ, ୧୭।୬(ସମିସ)

ଆସନ୍ତା୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନ ମଣ୍ଡପରେ ୧୦୮ ଗରା ଜଳରେ ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁବିଗ୍ରହ। ଏହିଦିନଠାରୁ ମହାପ୍ରଭୁଙ୍କ ଅଣସର ଆରମ୍ଭ ହେବ। ଅଣସର ତାଟିରେ ରହି ଦର୍ଶନ ଦେବେ ପଟି ଦିଅଁ। ଅଣସର ନିମନ୍ତେ ଚାଲିଛି ପଟିଦିଅଁ ପ୍ରସ୍ତୁତି। ପଟି ପ୍ରସ୍ତୁତି ସାଙ୍ଗକୁ ପଟି ଦେହରେ ପାରମ୍ପରିକ ରଙ୍ଗ ଓ ତୂଳୀରେ ଦାରୁଦିଅଁଙ୍କ ଚିତ୍ର ଅଙ୍କନ କରିବାକୁ ପ୍ରସ୍ତୁତ ହୋଇରହିଛନ୍ତି ଚିତ୍ରକର ସେବକ। ଅଣସର ଅବସରରେ ଅଣସର ତାଟିରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀଅନନ୍ତ ନାରାୟଣ ପଟି, ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟି ଏବଂ ମା' ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ପଟି ପୂଜା ପାଇଥାନ୍ତି।



ଶ୍ରୀଅନନ୍ତ ନାରାୟଣ ପଟି ପ୍ରସ୍ତୁତ କରୁଥିବା ପଣାପ୍ରିୟା ଲେନ୍‌ର ଦେବବ୍ରତ ମହାରଣା କୁହନ୍ତି, ପଟି ଦିଅଁଙ୍କ ପ୍ରସ୍ତୁତି ପାଇଁ ନୂଆ କପଡ଼ା, ଖଡ଼ିଗୁଣ୍ଡ, ତେନ୍ତୁଳି ମଞ୍ଜି, କଇଥ ଅଠା, ପଇତା, ବିଭିନ୍ନ ପ୍ରକାର ପ୍ରାକୃତିକ ରଙ୍ଗ ଓ ଘଷା ପଥର ଆବଶ୍ୟକ ପଡ଼ିଥାଏ। ପାରମ୍ପରିକ ବିଧି ଅନୁସାରେ ପଟି ଦିଅଁ ତିଆରି ଆରମ୍ଭ କରାଯାଇଥାଏ। ପଟିଦିଅଁ ପ୍ରସ୍ତୁତି ଆରମ୍ଭ ଦିନଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚିତ୍ରକାର ପରିବାର ସଦସ୍ୟ ହବିଷାନ୍ନ ଗ୍ରହଣ କରିଥାନ୍ତି। ପରିବାରର ମହିଳାମାନେ ପ୍ରାତଃରୁ ଉଠି ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ମହାପ୍ରଭୁଙ୍କୁ ଆରାଧନା କରି କାମ ଆରମ୍ଭ କରିଥାନ୍ତି। ପଟି ପ୍ରସ୍ତୁତ ଲାଗି ନୂଆ ସୁତା କନା ଅଣାଯାଏ। ତେନ୍ତୁଳି ମଞ୍ଜି ବତୁରାଇ ବାଟି ଅଠା ପ୍ରସ୍ତୁତ କରି ଉକ୍ତ କନାର ଗୋଟିଏ ପାର୍ଶ୍ୱରେ ଲେପନ କରିଥାନ୍ତି। ଏହାକୁ ଖରାରେ ଶୁଖାଇ ଦିଆଯାଇଥାଏ। ଗୋଟିଏ ପାର୍ଶ୍ୱ ଶୁଖିବା ପରେ ଅନ୍ୟ ପାର୍ଶ୍ୱରେ ତେନ୍ତୁଳି ମଞ୍ଜି ଅଠା ଲେପ ଦିଆଯାଇଥାଏ। ସମ୍ପୂର୍ଣ୍ଣ ଶୁଖିଯିବା ପରେ ଖଡ଼ିଗୁଣ୍ଡ ଏବଂ ତେନ୍ତୁଳି ମଞ୍ଜି ମିଶା ଯାଇ ପ୍ରସ୍ତୁତ ସ୍ୱତନ୍ତ୍ର ଅଠା ଲେପ ଦିଆଯାଏ। ଏହାପରେ ମାପ ଅନୁଯାୟୀ, ମୁଖ୍ୟ ଚିତ୍ରକର ପଟି କାଟିଥାନ୍ତି। ଏହାପରେ ପଟିର ଉପର ଓ ତଳ ମୁଣ୍ଡରେ ବାଉଁଶ ପାତିଆ ବାନ୍ଧିଥାନ୍ତି। ତାହାକୁ ପାରମ୍ପରିକ ଭାଷାରେ କାଠି ବନ୍ଧା କୁହାଯାଇଥାଏ। ଚିତ୍ର ଅଙ୍କନ ଲାଗି ପଟିକୁ ଟାଙ୍ଗିବା ପାଇଁ କାଠି ବନ୍ଧା ଯାଇଥାଏ। ବନ୍ଧାଯାଇଥିବା କାଠିଗୁଡ଼ିକୁ ପଟିରେ ପଇତା ସୂତାରେ ସିଲେଇ କରାଯାଏ। ଏହାପରେ ପଟିରେ ପଥରକୁ ଘଷି ଚିତ୍ର ଉପଯୋଗୀ କରିଥାନ୍ତି। ଚିତ୍ରକାର ସେବକ ଦିଅଁଙ୍କ ଟିପ୍ପଣୀ କରନ୍ତି। ଦିଅଁଙ୍କ ସ୍କେଚ ପ୍ରସ୍ତୁତିକୁ ପାରମ୍ପରିକ ଭାଷାରେ ଟିପ୍ପଣୀ କୁହାଯାଏ। ଟିପ୍ପଣୀ ଧଳା ରଙ୍ଗ ପାଣି ଓ ଗେରୁ ପାଣିରେ କରାଯାଏ। ଟିପ୍ପଣୀ ପରେ ବନକରା କରାଯାଏ। ଚିତ୍ରକୁ ବିଭିନ୍ନ ରଙ୍ଗରେ ଭରିବାକୁ ବନକା କୁହାଯାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ପଟି ପ୍ରସ୍ତୁତି ସରିଥାଏ। ସେହିଦିନ ଚିତ୍ରିତ ପଟିକୁ ଚିତ୍ରକାରଙ୍କ ଘରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରାଯାଏ। ଏହାପରେ ପଟି ଶ୍ରୀମନ୍ଦିରକୁ ବିଜେ କରିଥାଏ। ସ୍ନାନ ପୂର୍ଣ୍ଣିମାଠାରୁ ଅଣସର ବିଧି ସରିବା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପଟି ଦିଅଁ ପୂଜା ପାଇଥାନ୍ତି।

## ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୭।୬(ସମିସ): ଚନ୍ଦ୍ରଶେଖରପୁର ଡିଷ୍ଟିକ୍ଟ ସେଣ୍ଟରସ୍ଥିତ ମାରୁତି ଉଦ୍ୟାନ ପରିସରରେ ଡିଷ୍ଟ୍ରିକ୍ ସେଣ୍ଟର ଓନର୍ସ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପିଲାଙ୍କଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଯୁବକଯୁବତୀ, ବରିଷ୍ଠ ନାଗରିକ ଓ ମହିଳାମାନଙ୍କୁ ନେଇ ନାଚ, ଗୀତ, ପୁଚି, ତାସ, କ୍ୟାରମ, ଲୁଡୁ, ମିଉଜିକ ଚେୟାର, ପୋଡ଼ ପିଠା ତିଆରି ଓ ପାନ ଭାଙ୍ଗିବା ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରଜ ପାଳନ ମାଧ୍ୟମରେ ପରିବେଶ ସଚେତନତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଲୋକଙ୍କୁ ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏସନର ସଭାପତି ଦାମୋଦର ପ୍ରଧାନୀ ଓ ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

## ପିପୁଲ୍ସ ଫୋରମ୍ ପକ୍ଷରୁ ରଜ ମହୋତ୍ସବ

ଭୁବନେଶ୍ୱର, ୧୭।୬(ସମିସ): ସତ୍ୟନଗର ପିପୁଲ୍ସ ଫୋରମ ପକ୍ଷରୁ ତିନି ଦିନିଆ ରଜ ମହୋତ୍ସବ ବେଶ ଆଡ଼ମ୍ବର ସହକାରେ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନରେ ରଜ ଦୋଳି ଖେଳିବା ପାଇଁ ଆଖପାଖର ଜନସାଧାରଣ ବେଶ ଉତ୍ସାହର ସହ ସାମିଲ ହୋଇଥିବା ବେଳେ ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ଖେଳ ଓ ନାଚର ଆୟୋଜନ କରାଯାଇଥିଲା। ରଜ ସଂକ୍ରାନ୍ତି ଓ ଶେଷ ରଜରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷଦିନ ସନ୍ଧ୍ୟାରେ ଜୟଓଡ଼ିଶା ଅଧ୍ୟକ୍ଷ ରୁଦ୍ର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ସତ୍ୟନଗର ପିପୁଲ୍ସ ଫୋରମର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



